BAGEESHA
ବାଗୀଶ
ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା | ଜାନୁୟାରୀ-ଫେବୃୟାରୀ ୨୦୨୫
Volume No. 03 | Issue No. 01 | Jan-Feb 2025
Refereed Peer-Reviewed Journal

# ନୟାଗଡ଼ ଜିଲ୍ଲାରେ ପ୍ରଚଳିତ ବିଭିନ୍ନ ଧର୍ମାଚାର

**ଲେଫ୍ଟନାଣ୍ଟ ଡ. ବିଦ୍ୟୁଲତା ଷଣ୍ଢ**
ଓଡ଼ିଆ ଅଧ୍ୟାପିକା, ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ନୟାଗଡ଼

BM2025/01-A002

RECEIVED : 15 DEC 2024
ACCEPTED : 25 FEB 2025
REVISED: 28 FEB 2025
PUBLISHED: 10 MAR 2025

ARTICLE QR CODE

**ଗବେଷଣାତ୍ମକ ନିବନ୍ଧର ସମୀକ୍ଷକ:**
ପ୍ରଫେସର ଗୌରାଙ୍ଗ ଚରଣ ଦାଶ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

DOI: 10.70541/BAGEESHA/2025030102

Article No. BM2025/01-A002
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

**ସାରାଂଶ**

ନୟାଗଡ଼ ଏକ ଦେଶୀୟ ରାଜ୍ୟ। ଛବିଶ ଗଡ଼ଜାତ ମଧ୍ୟରେ ଅନ୍ୟତମ। ଲୋକମୁଖରେ 'ନବଦୁର୍ଗ', 'ନୂଆଗଡ଼', 'ଗଡ଼'। ଗଡ଼ଜାତ ମିଶ୍ରଣପରେ ୧୮୪୮ ମସିହାରେ, ଏହା ଆଧୁନିକ ଓଡ଼ିଶା ସହିତ ମିଶିଗଲା। ସେତେବେଳେ ଓଡ଼ିଶାର ଜିଲ୍ଲା ସଂଖ୍ୟା ତେର ଏବଂ ନୟାଗଡ଼ ପୁରୀ ଜିଲ୍ଲାର ଅଂଶ। ଏହି ଅଞ୍ଚଳ ବିବିଧ ସଂସ୍କୃତିକ ବିଭବରେ ବର୍ଣ୍ଣାଢ୍ୟ । ନୟାଗଡ଼ରେ ବଞ୍ଚୁଥିବା ବିଭିନ୍ନ ଜାତି ଓ ସଂଗୋଷ୍ଠୀର ମଣିଷମାନଙ୍କ ଜୀବନଚର୍ଯ୍ୟା କିପରି ସ୍ୱତନ୍ତ୍ର ଓ ମିଶ୍ର ତାହାର ସ୍ୱରୂପ ସଂପର୍କରେ ଅବଗାହନ ଓ ସାମାଜିକ ଓ ସଂସ୍କୃତିକ ଦୃଷ୍ଟିରେ ସେସବୁର ମୂଲ୍ୟାୟନ ଦିଗରେ ଉକ୍ତ ଆଲୋଚନାରେ ପ୍ରୟାସ କରାଯାଇଛି। ଯାହା ନୟାଗଡ଼ ମାଟିର ବୈଭବ ଓ ସ୍ୱାତନ୍ତ୍ର୍ୟର ପରିଚାୟକ।

**ମୂଳଶବ୍ଦ:** ନୟାଗଡ଼, ନୟାଗଡ଼ର ପର୍ବପର୍ବାଣି, ଧର୍ମାଚାର, ଓଷା-ବ୍ରତ, ଆଦିବାସୀ, ଶବର, ଦଣ୍ଡପର୍ବ, ନୟାଗଡ଼ର ଆଦିବାସୀ ପରଂପରା।

**ଉପକ୍ରମ:** ନୟାଗଡ଼ ଏକ ଦେଶୀୟ ରାଜ୍ୟ। ଛବିଶ ଗଡ଼ଜାତ ମଧ୍ୟରେ ଅନ୍ୟତମ। ଲୋକମୁଖରେ 'ନବଦୁର୍ଗ', 'ନୂଆଗଡ଼', 'ଗଡ଼'। ଯଦୁମଣି ମହାପାତ୍ରଙ୍କ 'ରାଘବ ବିଳାସ'ରେ ଏହା 'ନବୀନଦୁର୍ଗ'। (ମହାପାତ୍ର, ଚକ୍ରଧର: ୧୯୬୫, ପୃ- ୫୦୯) ଆୟତନ ପାଞ୍ଚଶହ ନବେ ବର୍ଗମାଇଲ୍। ପୂର୍ବରେ ରଣପୁର ଓ ବାଙ୍କୀ, ପଶ୍ଚିମରେ ଦଶପଲ୍ଲା, ଉତ୍ତରରେ ଖଣ୍ଡପଡ଼ା, ଦକ୍ଷିଣରେ ଘୁମୁସର ଓ ଗଞ୍ଜାମ ଗଡ଼ଜାତ। ଗଡ଼ଜାତ ମିଶ୍ରଣପରେ ୧୮୪୮ ମସିହାରେ, ଏହା ଆଧୁନିକ ଓଡ଼ିଶା ସହିତ ମିଶିଗଲା। ସେତେବେଳେ ଓଡ଼ିଶାର ଜିଲ୍ଲା ସଂଖ୍ୟା ତେର ଏବଂ ନୟାଗଡ଼ ପୁରୀ ଜିଲ୍ଲାର ଅଂଶ। ପରବର୍ତ୍ତୀ କାଳରେ, ୧୯୯୩ ମସିହାରେ, ଏହା ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଲା। ଓଡ଼ିଶା ପ୍ରଦେଶରେ ଏହାର ଆକାର ପ୍ରାୟ ଚାରିକୋଣିଆ। ପୂର୍ବରେ ଖୋର୍ଦ୍ଧା, ପଶ୍ଚିମରେ ବୌଦ୍ଧ ଓ କନ୍ଧମାଳ, ଉତ୍ତରରେ କଟକ ଓ ଦକ୍ଷିଣରେ ଗଞ୍ଜାମ ଜିଲ୍ଲା। ଆୟତନ ଚାରିହଜାର ସାତଶହ ବୟାଳିଶ ବର୍ଗକିଲୋମିଟର। ଜିଲ୍ଲାର ମାଟି ଦୁଇପ୍ରକାର, ସମତଳ ଓ ପାହାଡ଼ିଆ। ରହିଛି ଶୁଳିଆ, ଭଣ୍ଡାର, ଗୋଇସିଙ୍ଗା, ରକ୍ଷୀ, ବଳରାମ, ଗୟଳସିଂହ, ମାଙ୍କଡ଼ଖିଆ, ମଣିଭଦ୍ରା, ବିନ୍ଧ୍ୟଗିରି, ଶୁକରମଲ୍ଲ, ପଞ୍ଚୁପାଣ୍ଡବ, ରତ୍ନମାଳା, ରାଜଗିରି ଆଦି ପର୍ବତ। ଲୁଣା, ଡାହୁକା, କୁସୁମୀ, ନାଗଝର, ଦୁଆଣ୍ଟ, ଶୁଳିଆ, ଲୁଣିଝରା ଓ ମହାନଦୀ ଭଳି ଅନେକ ନଦୀ। ପାହାଡ଼ିଆ ଅଞ୍ଚଳରେ ଆଦିବାସୀ ଓ ସମତଳରେ ଅଣଆଦିବାସୀ ବାସଭୂମି।

ବୃହତ୍ତର ଅର୍ଥରେ ସମାଜ କହିଲେ ମଣିଷମାନଙ୍କ ସଂଗଠନ ବା ଗୋଷ୍ଠୀଗତ ଜୀବନଚର୍ଯ୍ୟାକୁ ବୁଝାଏ। ଗୋଷ୍ଠୀବଦ୍ଧତା କହିଲେ, ତାହା ସ୍ୱତନ୍ତ୍ର ଭାବରେ ଭାଷା, ଧର୍ମ ଓ ଈଶ୍ୱରବିଶ୍ୱାସ, ବୃତ୍ତି, ପ୍ରବୃତ୍ତି, ବିଚାର ବା ଭାବାଦର୍ଶ ଇତ୍ୟାଦି ଯେକୌଣସି ଗୋଟିଏ ଏହାର ଭିତ୍ତି ହୋଇପାରେ। ମାତ୍ର ଏହି ନିର୍ଦ୍ଦିଷ୍ଟମାନେ ମଧ୍ୟ ଅନେକ ସମୟରେ ଗୋଷ୍ଠୀମନ୍ତ୍ରର ଉପରେ ବଞ୍ଚିବାପାଇଁ ସ୍ୱତନ୍ତ୍ର ସଂଗଠନମାନ ତିଆରି କରିଥାନ୍ତି। ଅର୍ଥାତ୍ ନାନାଧର୍ମ, ନାନାଭାଷା, ନାନାବୃତ୍ତି, ନାନା ଭାବାଦର୍ଶର ମଣିଷମାନେ ନିଜର ସ୍ୱାତନ୍ତ୍ର୍ୟକୁ ସମ୍ମାନଦେବା ସହିତ ଭିନ୍ନ ଭାବାଦର୍ଶକୁ ମିତ୍ରକରି ଜୀବନ ବଞ୍ଚୁଥାନ୍ତି। ସ୍ପଷ୍ଟତର ଭାବରେ କହିଲେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଧର୍ମାବଲମ୍ବୀମାନେ ଗୋଟିଏଗୋଟିଏ ନିର୍ଦ୍ଦିଷ୍ଟ ଧର୍ମ ଓ ବିଚାରପୁଷ୍ଟ ସଂଗଠନର ସଦସ୍ୟ। ମାତ୍ର ବୃତ୍ତିଗତ ଜୀବନରେ

ସେମାନେ ଏକ ନିର୍ଦ୍ଦିଷ୍ଟ ଭାବାଦର୍ଶକୁ ସ୍ୱୀକାର କରିପାରନ୍ତି; ସଂଗଠନଟିଏ ତିଆରି କରିପାରନ୍ତି। ତେଣୁ ସମାଜର ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ନିରୂପଣ କରିବା ଆଦୌ ନିରାପଦନୁହେଁ। ଏହି ଭାବାଦର୍ଶ ଆଧାରରେ ଆମେ ନୟାଗଡ଼ ନାମରେ ପରିଚିତ ଏକ ରାଜନୀତିକ ଆୟତନରେ ବଞ୍ଚୁଥିବା ମଣିଷମାନଙ୍କର ସମାଜଜୀବନ ଚର୍ଚ୍ଚା କରିପାରିବା ।

ପ୍ରତ୍ୟେକ ସମାଜ ବହୁ ବିଧିଦ୍ୱାରା ନିୟନ୍ତ୍ରିତ। ବିଧିଗୁଡ଼ିକ ତା'ର ପରିଚିତି; ମାତ୍ର ଏହାର ଅର୍ଥ ନୁହେଁ ଯେ ଗୋଟିଏ ସମାଜଦ୍ୱାରା ଅନୁସୃତ ବିଧି ଅନ୍ୟ ସମାଜଠାରୁ ସଂପୂର୍ଣ୍ଣ ଭିନ୍ନ ବା ସ୍ୱତନ୍ତ୍ର। ତାହାର କାରଣ ପ୍ରତ୍ୟେକ ମଣିଷଭିତରେ ବହୁ ବିଚାର ଓ ବିଶ୍ୱାସ ସମଭାବରେ କ୍ରିୟାଶୀଳ ଏବଂ ପ୍ରତ୍ୟେକ ମଣିଷ ପରସ୍ପରଦ୍ୱାରା ବହୁଭାବରେ ପ୍ରଭାବିତ ଓ ନିୟନ୍ତ୍ରିତ। ସେଥିପାଇଁ କୁହାଯାଏ, କୌଣସି ସମାଜର ଆତ୍ମପରିଚିତି ପୂର୍ଣ୍ଣତଃ ସ୍ୱତନ୍ତ୍ର ନୁହେଁ , ମିଶ୍ର। ତେଣୁ କୌଣସି ଜନସମୁଦାୟର ଜୀବନଚର୍ଯ୍ୟାର ପରିଚର୍ଚ୍ଚା କାଳରେ ଆମକୁ ସେହି ମିଶ୍ରତାଭିତରେ ସ୍ୱତନ୍ତ୍ରତାକୁ ହିଁ ଖୋଜିବାକୁପଡ଼ିଥାଏ ଏବଂ ବେଳେବେଳେ ସ୍ୱାତନ୍ତ୍ର୍ୟ ଖୋଜିଲାବେଳେ ଜଣାପଡ଼େ, ତାହା ସ୍ୱତନ୍ତ୍ର ନୁହେଁ , ବହୁ ଭାବରେ ଅନ୍ୟ ସଂପୃକ୍ତ। ନୟାଗଡ଼ର ମଣିଷମାନେ ମଧ୍ୟ ସ୍ୱତନ୍ତ୍ର ଓ ଅନ୍ୟ ସଂପୃକ୍ତିର ଉଦାହରଣ ।

କୌଣସି ଜନସମୁଦାୟର ଜୀବନ ଚର୍ଯ୍ୟାରେ ସ୍ୱାତନ୍ତ୍ର୍ୟ ଓ ମିଶ୍ରତାବୋଧ ସଂକ୍ରାନ୍ତରେ ଚର୍ଚ୍ଚା କାଳରେ ଆମକୁ ମୁଖ୍ୟତଃ ପାରିବାରିକ, ବଂଶଗତ ଏବଂ ଗୋଷ୍ଠୀଗତ ବିଚାରନିର୍ଭର ହେବାକୁପଡ଼ିବ। ପାରିବାରିକ ବା ବଂଶଗତ ଜୀବନଚର୍ଯ୍ୟା କହିଲେ ଜଣେ ମଣିଷର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନଚର୍ଯ୍ୟାର ନାନା ପର୍ଯ୍ୟାୟରେ ଅନୁଷ୍ଠିତ ବିଧି ଏବଂ ଗୋଷ୍ଠୀଗତ ଜୀବନଚର୍ଯ୍ୟା କହିଲେ ବିଭିନ୍ନ ବଂଶର ମଣିଷମାନଙ୍କର ସାମୂହିକ ଜୀବନଚର୍ଯ୍ୟା ଅର୍ଥାତ୍ ଧର୍ମାଚାର, ବୃତ୍ତି, ନାଚ, ଗୀତ, ଅଭିନୟ, ଭାଷା ଆଦି ନାନାକ୍ଷେତ୍ରରେ ସଂଗଠିତ ଜୀବନଚର୍ଯ୍ୟାକୁ ହିଁ ବୁଝାଏ। ନୟାଗଡ଼ରେ ବଞ୍ଚୁଥିବା ବିଭିନ୍ନ ଜାତି ଓ ସଂଗୋଷ୍ଠୀର ମଣିଷମାନଙ୍କ ଜୀବନଚର୍ଯ୍ୟା କିପରି ସ୍ୱତନ୍ତ୍ର ଓ ମିଶ୍ର – ଏ ସଂପର୍କରେ ମଧ୍ୟ ଚର୍ଚ୍ଚା କରାଯାଇପାରିବ; ମାତ୍ର ଏହି ଚର୍ଚ୍ଚା କାଳରେ ଗୋଟିଏ କଥା ସ୍ପଷ୍ଟ ଯେ, ଏଠି ବଞ୍ଚୁଥିବା ମଣିଷମାନଙ୍କ ଜୀବନଚର୍ଯ୍ୟା ଆଟବିକ ଓ ବହିରାଗତମାନଙ୍କ ଭାବାଦର୍ଶର ପରିଣୟ। ଉକ୍ତ ଆଲୋଚନା ଏ କ୍ଷେତ୍ରରେ ଏକ ବିହଙ୍ଗାବଲୋକନ ।

**ବିଷୟର ଆଲୋଚନା:** ନୟାଗଡ଼ର ଅଣଆଟବିକମାନେ ପ୍ରାୟ ଏକପ୍ରକାର ପର୍ବ ପାଳନକରନ୍ତି। କେତେକ କ୍ଷେତ୍ରରେ ଆଟବିକମାନେ ଏମାନଙ୍କ ଭଳି ପର୍ବ ପାଳନକଲେଣି। ନୟାଗଡ଼ର ଆଦିବାସୀମାନଙ୍କ ମଧ୍ୟରେ ଶବରମାନେ ପୁରାତନ ଓ ପରିଚିତ। କଣ୍ଟିଲୋରୁ ଗୋଟିଏ କିଲୋମିଟର ଶବରପଲ୍ଲୀରେ ନୀଳମାଧବ ମନ୍ଦିର। ଏଠାକାର ଶବରମାନେ ଚାରିପ୍ରକାରର। ଜାରାଶବର, ବ୍ୟାଧଶବର, ବସୁଶବର ଓ କେଳାଶବର। ବର୍ତ୍ତମାନ ଶବରମାନେ ଲୋକ ମୁଖରେ 'ସଅର'। ଶବରଭାବରେ ଗର୍ବିତ ଏ ଜାତି ସାଧାରଣ ବର୍ଗରେ ସଅର ଭାବେ ଅଛନ୍ତି।

ଧନୁସଂକ୍ରାନ୍ତିରେ ଏମାନେ ପର୍ବ ପାଳନ୍ତି। ନୀଳମାଧବ, ବିଶ୍ୱାବସୁ, ଲଳିତା-ଦେବତା। ଲଳିତା କୁଳଦେବୀ; ଲକ୍ଷ୍ମୀ। ବିଭିନ୍ନ ଚେର, ମିଠାକୋଳି ଏବଂ ଅନ୍ୟାନ୍ୟ ଜଙ୍ଗଲି ଫୁଲଫଳ ଦେଇ ପୂଜାହୁଏ। କନ୍ଧମାନେ କାଠଖୁଣ୍ଟିକୁ ପୂଜା କରନ୍ତି। ମାଟି ଦେବତାକୁ ପୂଜାକରନ୍ତି। ରକ୍ତ ଦିଅନ୍ତି। ଜାନୀ ପୂଜାକରେ। କୁକୁଡ଼ା, ଘୁଷୁରୀ, ମଇଁଷି ବଳିପଡ଼େ। ବିଶ୍ୱାସରକ୍ତ ପାଇଲେ ମାଆ ଭଲ ଫସଲ ଦେବ। ରୋଗରୁ ମୁକ୍ତିଦେବ। ଦଶପଲ୍ଲା ବୁଗୁଡ଼ାରେ ପୂଜାପାଆନ୍ତି ଆଦିବାସୀ ଦେବୀ ମଣିନାଗ। ଫାଲ୍‌ଗୁନମାସର ସପ୍ତମୀ ଓ ଅଷ୍ଟମୀ ତିଥିରେ ଏମାନେ ପର୍ବ ପାଳନ୍ତି। ପୁଷପୂର୍ଣ୍ଣିମା ଏଠାକାର ଅନ୍ୟଏକ ବଡ଼ପର୍ବ। ଗଛତଳେ ପଥରକୁ ନୂଆ ସିନ୍ଦୁର ମାରି ଦେବୀ ଭାବେ ପୂଜାକରନ୍ତି। ତାକୁ ପଶୁବଳି ଦେଇଥାନ୍ତି। ମଙ୍ଗଳା ଏମାନଙ୍କର ସାହା ଭରସା, ବାପା-ମାଆ।

ନୟାଗଡ଼ର ପର୍ବପର୍ବାଣି ମଧ୍ୟରେ ରାମନବମୀ, ଦୋଳ, ଦଣ୍ଡପର୍ବ, ଜାଗରଯାତ୍ରା, ଦଶହରା ଭଳି ଅନେକ ପର୍ବ ପାଳନକରାଯାଏ। ଏଗୁଡ଼ିକ ଗଣପର୍ବ। ଗାଆଁ ଗହଳିରେ ଓଷାବ୍ରତ ହୁଏ। ବିଧି ଓ ପରମ୍ପରା ଦୃଷ୍ଟିରୁ ଓଷା ଓ ବ୍ରତ ଭିନ୍ନଭିନ୍ନ। ନାରୀମାନେ ଓଷାକରନ୍ତି। ବ୍ରତ ଉଭୟ ନାରୀ ଓ ପୁରୁଷମାନେ କରନ୍ତି। ନୟାଗଡ଼ର କେତେକ ସ୍ଥାନରେ ଓଷା ଉଭୟ ବାଳକ ଓ ବାଳିକାମାନେ କରନ୍ତି। ଖାଦ୍ୟପେୟରେ ବିଧି ମୁତାବକ ସଂଯମକୁ ଏଠାରେ ଉପବାସ ବୋଲି ମାନନ୍ତି। ଓଷାବ୍ରତ ଲୌକିକ ହିନ୍ଦୁଧର୍ମର ଅନ୍ତର୍ଭୁକ୍ତ। ଆର୍ଯ୍ୟ ବସତି ବିସ୍ତାର ପୂର୍ବରୁ ଓଡ଼ିଶାର ଆଦିମ ଜନଗୋଷ୍ଠୀରେ ଏଗୁଡ଼ିକ ପ୍ରଚଳିତ ଥିଲା। ପରେ ଆର୍ଯ୍ୟମାନେ ଏଥିରେ ସାମିଲ୍ ହୋଇଛନ୍ତି। ବ୍ରତପାଇଁ ପୁରୋହିତଙ୍କ ଆବଶ୍ୟକତା ରହିଥାଏ। ଓଷାରେ ଝିଅମାନେ ଓ ନାରୀମାନେ ନିଜେ ପୂଜାକରନ୍ତି ଓ ଓଷାବହି ପଢ଼ନ୍ତି। ବ୍ରତ ବା ଓଷା କଥା ଶୁଣିବାର ଗୁରୁତ୍ୱ ରହିଥାଏ। ଓଷା ଲୌକିକ; ବ୍ରତ ବୈଦିକ। ଏହାର ପୋଥି ବା ବହିର ଲେଖକ ପ୍ରାଚୀନ ଓ ମଧ୍ୟକାଳୀନ କବିବୃନ୍ଦ। ବହିର କାହାଣୀ ପଦ୍ୟ ବା ପଦ୍ୟାତ୍ମକ ଗଦ୍ୟ। ପ୍ରାୟ ପ୍ରତ୍ୟେକ ଛାନ୍ଦ ବା ଅଧ୍ୟାୟର ଭଣିତାରେ ସ୍ରଷ୍ଟାର ନାମ ରହିଥାଏ। ସମାଜ ଜୀବନ, ଧର୍ମ ଜୀବନ ଓ କେତେକ ଲୋକାଚାର ସମ୍ବନ୍ଧରେ ଉକ୍ତ ଓଷାବ୍ରତ ବହି ଆମକୁ ସୂଚନା ଦେଇଥାଏ।

**ନାଗୁଲିଚଉଠୀ:** ନାଗଚତୁର୍ଥୀ କାର୍ତ୍ତିକ ଶୁକ୍ଳଚତୁର୍ଥୀ ବେଳ ଦଶଘଡ଼ିକୁ ପାଳନ କରାଯାଏ। ଗାଆଁରେ ଏହା ନାଗଲଚଉଠୀ, ନାଗୁଲିଚଉଠୀ। ନାଗ ଏହି ପୂଜାର ଆରାଧ୍ୟ। ପୂଜାପାଇଁ କୋଠି ତିଆରି କରାଯାଏ। କୋଠି କହିଲେ ଚାରିକୋଣିଆ ଗାତ। ଗାତ ପାଖରେ ଉଇହୁଙ୍କା, ଗଛପତ୍ର ଏବଂ ମୁରୁଜ। ପୂଜାର ସ୍ଥାନ ପୋଖରୀ କୂଳ। କେହିକେହି ଦାଣ୍ଡରେ ବି କୋଠି ତିଆରିକରନ୍ତି। ହୁଙ୍କା ପାଖରେ ଚକଟା ଅଟାରେ ନାଗ-ନାଗୁଣୀ ପ୍ରତିମା ସ୍ଥାପନ କରାଯାଏ। ନାଗ-ନାଗୁଣୀଙ୍କ ଉପରେ କ୍ଷୀର ଢଳାଯାଏ। କ୍ଷୀର ପାଦୁକ ହୋଇଯାଏ। ପାଦୁକରେ ପିଲାଙ୍କ ଆଖି କାନ ଧୋଇଦେଲେ ଏ ଦୁଇ ପ୍ରତ୍ୟଙ୍ଗ ରୋଗମୁକ୍ତ ହୁଏ ବୋଲି ବିଶ୍ୱାସ

ରହିଛି। ସାପର ସନ୍ତୁଷ୍ଟିକରଣ ଏହି ଓଷା ପାଳନର ଉଦ୍ଦେଶ୍ୟ।

ରଘୁନାଥ ଦାସଙ୍କ ନାଆଁରେ ଭଣିତ ନାଗଲଚଉଠୀ ବହି ରହିଛି। କୁହାଯାଇଛି- ଭାରତ ନାମେ ମଣ୍ଡଳ। ମଣ୍ଡଳରେ କୋଶଳ ନାମକ ଦ୍ୱୀପ। ଦ୍ୱୀପରେ ଅବନ୍ତୀ ନାମେ ନଗ୍ର। ନଗ୍ରରେ ସାଧବ ଘର। ତାହାର ସାତ ପୁଅ, ସାତ ବୋହୂ। ସାନବୋହୂକୁ ଶାଶୁ ସୁଖପାଏନି। ସବୁବେଳେ ଘର କାମ କରାଏ। ନାଗମାତାଙ୍କର ମଧ ସାତ ପୁଅ। ସେମାନେ ଦିନେ ନଈରେ ଗଡ଼ିଶାମାଛ ହୋଇ ଖେଳୁଥିଲେ। ଶାଶୁ ନଈକୁ ଗାଧୋଇଗଲେ। ମାଛ ଦେଖିଲେ। ଲୋଭ ହେଲା। ଧରିଆଣି ସାନବୋହୂକୁ ଦେଲେ। ତରକାରୀ କରିବାକୁ କହିଲେ। ବୋହୂ ମାଛ ନକାଟି ପୁଡ଼ାଟିଏ କରି ଚାଳରେ ଖୋସିଦେଲା। ଭାଜିବାକୁ ମନେନାହିଁ। ମନେପଡ଼ିବାରୁ ପୁଡ଼ାଟି ଖୋଲିଦେଖିଲା ତା' ଭିତରେ ସାତୋଟି ନାଗ ଛୁଆ। ସେମାନେ ଘରର ଇଶାଣ କୋଣକୁ ଚାଲିଗଲେ। ଲୁଚିଲେ। ବୋହୂ ସେମାନଙ୍କୁ ଖାଇବାକୁଦେଲା। ସେମାନେ ବଡ଼ହେଲେ। ବୋହୂ ତାଙ୍କୁ ନେଇ ହୁଙ୍କାରେ ଛାଡ଼ିଦେଲା। ସାନବୋହୂର ସାପମାନଙ୍କ ପ୍ରତି ପ୍ରେମ ନାଗମାତା ଜାଣିପାରିଲେ। ଶ୍ରଦ୍ଧାରେ ତାକୁ ଝିଅ କଲେ। ଝିଅ ଭଳି ବେଭାର ବି କଲେ। ଓଷା ପାଳିବାକୁ କହିଲେ। କହିଲେ ଓଷାର ଦେବତା ହେବେ ନାଗ ଏବଂ ସେମାନଙ୍କୁ ପୂଜାକଲେ ସାପ ଦଂଶନ ଭୟରୁ ମୁକ୍ତ ହେବେ। ସାନବୋହୂ ନାଗମାତାଙ୍କ କଥା ସ୍ୱୀକାର କଲା। ସେ ହେଲା ନାଗ ପୂଜାର ପ୍ରଥମ ବ୍ରତଚାରିଣୀ। ଗଞ୍ଜାମରେ ଭିନ୍ନ ପ୍ରକାର କାହାଣୀ ପ୍ରଚଳିତ। ମାତ୍ର ନାଗରୂପୀ ବାସୁକି ପୂଜନ ହିଁଏହି ବ୍ରତର ଉଦ୍ଦେଶ୍ୟ।

**ବଡ଼ଓଷା:** କାର୍ତ୍ତିକ ପୂର୍ଣ୍ଣିମାରେ ଧବଳେଶ୍ୱର ପୀଠରେ ବଡ଼ଓଷା ହୁଏ। ସମସ୍ତଙ୍କଘରେ ଏ ଓଷା ନଥାଏ। ରାଜା କ୍ରତୁ ଓ ନାଗପୁର ରାଜକନ୍ୟା ହରପ୍ରିୟାଙ୍କ ବିବାହ, ରାଜ୍ୟ କ୍ଷୟ, ଶିବଙ୍କ କୋପର ଶିକାର କଥା ଓଷା ବହିରେ ବର୍ଣ୍ଣିତ। କୁଷ୍ଠ ରୋଗରେ ରାଜା ପୀଡ଼ିତହେଲେ। ରାଣୀ ଜଣେ ସନ୍ନ୍ୟାସୀଙ୍କ ପରାମର୍ଶରେ ବଡ଼ଓଷା କରି ସ୍ୱାମୀଙ୍କୁ ନିରୋଗକଲେ। ନିରୋଗ ଜୀବନ ଓ ସନ୍ତାନ ପ୍ରାପ୍ତିପାଇଁ ଓଷାର ପରିକଳ୍ପନା।

**ଶନିଓଷା:** ଦ୍ୱିଜ ଘନଶ୍ୟାମ ରଚିତ ଓଷାବହିରେ ଶିବ ବକ୍ତା, ପାର୍ବତୀ ଶ୍ରୋତା। ଏଥିରେ ଶନିଜନ୍ମ, ଶନିଦଶାର ଭୟବହତା ଓ ମୁକ୍ତିର ମାର୍ଗ ବର୍ଣ୍ଣିତ। ଶନିପୂଜାଦ୍ୱାରା ରୋଗକ୍ଷୟ, ଶତ୍ରୁକ୍ଷୟ ଆଦି ଶୁଭଫଳ ମିଳେ ବୋଲି ଏ ଓଷା ପ୍ରଚାର କରେ।

**ବିରଞ୍ଚିନାରାୟଣ ବ୍ରତ:** କେବଳ ବୈଶାଖମାସ ରବିବାର ଶୁକ୍ଳ ଏକାଦଶୀ ତିଥି ଏହି ବ୍ରତ ପାଳନର ସମୟ। ଏଥିରେ ଦେବତା ବିରଞ୍ଚିନାରାୟଣ। ତ୍ରେତୟା ଯୁଗ। ସୁବ୍ରତ, ସୁତପୀ ଦମ୍ପତି। ସୂର୍ଯ୍ୟଙ୍କ ବ୍ରତ ନକରିବାରୁ କୋପର ଶିକାରହେଲେ। ଦରିଦ୍ର ହେଲେ। ଦୁଇଟି ଝିଅ, ପୁଅ ନାହିଁ। ଘଟଣା କ୍ରମେ ଝିଅଦୁଇଟି ଘରଛାଡ଼ି ବଣକୁ ଚାଲିଗଲେ। ଦୈବାତ୍ ସେଦିନ ବୈଶାଖ ରବିବାର ଶୁକ୍ଳଏକାଦଶୀ ରବିନାରାୟଣବ୍ରତ। ବଣରେ ତୁଳସୀ, ଅଁଳା ଗଛପାଖରେ ଦେବକନ୍ୟାମାନେ ବ୍ରତକରୁଥିଲେ। ଝିଅଙ୍କ କାନ୍ଦଣା ଶୁଣି ତାଙ୍କୁ ସେମାନେ ପୂଜାପାଖକୁ ନେଲେ। ଝିଅମାନେ ପୂଜାକରି ସୂର୍ଯ୍ୟଙ୍କୁ ସନ୍ତୁଷ୍ଟକଲେ। ସୁବ୍ରତ, ସୁତପୀ ଧନ ଓ ପୁତ୍ର ଲାଭକଲେ। ଦୁଇ କନ୍ୟା ରଜା ପୁଅ ଓ ମନ୍ତ୍ରୀ ପୁଅ ବରିଲେ ।

**ମୋହିନୀ ଏକାଦଶୀ:** ବୈଶାଖ ମାସରେ ମୋହିନୀଏକାଦଶୀ। ଜନୈକ ଜଗନ୍ନାଥ ଦାସଙ୍କ 'ଏକାଦଶୀ ମାହାତ୍ମ୍ୟ' ଗ୍ରନ୍ଥରେ ଏହିବ୍ରତର ବିଷୟ ବର୍ଣ୍ଣିତ। ଏକାଦଶୀ ପାଳନକଲେ ଅବନ୍ତୀର ଚଣ୍ଡାଳରାଜା। ତାଙ୍କର ପାପପୂଣ୍ୟ ବିଚାରରୁ ଯମଦୂତ ଓ ବିଷ୍ଣୁଦୂତଙ୍କ ମଧ୍ୟରେ ହେଲା ମତାନ୍ତର। ବ୍ରହ୍ମା ସମାଧାନ କରିବାକୁ ଯାଇ ଏକ ପରୀକ୍ଷାଦ୍ୱାରା ଯମଙ୍କୁ ଏକାଦଶୀର ମହତ୍ତ୍ୱ ବୁଝାଇଲେ। ପାପ ଅନେକ ଥିଲେ ମଧ ଏକାଦଶୀ ମାହାତ୍ମ୍ୟରୁ ବୈକୁଣ୍ଠପ୍ରାପ୍ତିର ପ୍ରଚାର କରେ ଏହି ବ୍ରତ।

**ସାବିତ୍ରୀ ବ୍ରତ:** ଏହା ସମଗ୍ର ଭାରତରେ ପାଳନ କରାଯାଏ। ଏହାର କାହାଣୀ ସହିତ ଆମେ ଖୁବ୍ ପରିଚିତ। ନୂଆଲୁଗା, ଅଳତା, ସିନ୍ଦୁରକୁ ପୂଜାକରି ସଧବାମାନେ ଏହି ଦିନ ପିନ୍ଧିଥାନ୍ତି।

**ଶୁଭଚଣ୍ଡୀ ଓଷା:** ଝିଅଟିଏ ବାହା ହୋଇନପାରିଲେ ବାପା, ମାଆ ବ୍ୟସ୍ତହୁଅନ୍ତି। ଜଲ୍‌ଦି ବାହାଯୋଗ ମନାସି ମାଆ ଶୁଭଚଣ୍ଡୀ ଓଷା କରେ। ଝିଅ ବାହାହୋଇ ପ୍ରଥମେ ଯେଉଁଦିନ ବାପଘରକୁ ଆସେ ସେଦିନ ଏହି ଓଷା ହୁଏ। ଝିଅ ଦୁଆରମୁହଁରେ ପହଞ୍ଚିବା ଆଗରୁ ଓଷା ସରିଥାଏ। ଏଥିରେ ଦେବତା ମଙ୍ଗଳା। ଏ ଓଷାରେ ବ୍ରାହ୍ମଣ ବରଣର ଆବଶ୍ୟକତା ନାହିଁ। ଚଉରା ମୂଳ ଲିପାପୋଛା କରି ମୁରୁଜରେ ମଙ୍ଗଳାଙ୍କ ରୂପ ଲେଖାଯାଏ। ପାଖ ପଡ଼ିଶାରୁ ସାତଜଣ ସଧବା ନାରୀଙ୍କୁ ଡାକିଆଣି ସିନ୍ଦୁର, ଅଳତା ଦେଇ; ଝିଅର ମାଆ ମୁଣ୍ଡ କୁଣ୍ଡାଇଦିଏ। ଏହାରି ମାଧମରେ ଦେବତାଙ୍କୁ ଧନ୍ୟବାଦ ଦିଆଯାଏ।

**କୃଷ୍ଣ ଜନ୍ମାଷ୍ଟମୀ:** ଏହା ସାରା ଭାରତରେ ପାଳିତ ହୁଏ। ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀତିଥିରେ ମଧ୍ୟରାତ୍ରିରେ ବ୍ରାହ୍ମଣ ଡକାହୁଅନ୍ତି। ଭାଗବତରୁ କୃଷ୍ଣଜନ୍ମ ପ୍ରସଙ୍ଗ ଓ ଗୋପଲୀଳା ପାଠକରାଯାଏ। ନୟାଗଡ଼ର ଘରେଘରେ ଜନ୍ମାଷ୍ଟମୀକୁ ନାରୀ, ପୁରୁଷ- ଉଭୟ ପାଳନ କରନ୍ତି।

**କେଦାର ବ୍ରତ:** କାର୍ତ୍ତିକ ପୂର୍ଣ୍ଣିମାରେ ବ୍ରତ ପାଳନ। ଚକୁଳିଆ ପଣ୍ଡାର ଦୁଇଝିଅ ଦେବକନ୍ୟାମାନଙ୍କଠାରୁ ବ୍ରତ ବିଧି ଜାଣିଲେ। ବ୍ରତ କରିବାରୁ ସେମାନଙ୍କୁ ଅଚଳାଚଳ ସମ୍ପତ୍ତି ମିଳିଲା। ଦିନକର କଥା ପଣ୍ଡିଆଣୀ ଗର୍ବରେ ସୂତା ବ୍ରତ ଛିଣ୍ଡାଇ କଳରା ଗଛମୂଳକୁ ଫୋପାଡ଼ିଦେଲା। ଭାବିଲା ସୁନାବ୍ରତ ନାଇବ। ଅଭାବ ନଥାଏ। ହେଲେ ବ୍ରତ କାଢ଼ିବାରୁ ସେମାନେ ଦରିଦ୍ରହେଲେ। ଝିଅମାନେ ରାଜା ବଳିଭୋଜଙ୍କୁ ବିଭା ହୋଇଥାନ୍ତି। ପଣ୍ଡାଘରେ କିନ୍ତୁ ଅଭାବ। ବ୍ରତ ପଡ଼ିଥିବା କଳରା ଗଛରେ ସୁନା କଳରା ଫଳିଲା। ତାକୁ ବିକି ପଣ୍ଡାଘର ଚଳିଲା ; ମାତ୍ର ଅଭାବ ମେଣ୍ଟିଲା ନାହିଁ। ଝିଅମାନଙ୍କୁ ଯୋଗୁଁ ବ୍ରତ ମିଳିଲା। ପୁଣି ବ୍ରତକରିବାରୁ ସେମାନଙ୍କ ସୁଖର ଦିନ ଫେରିଲା।

**ଖୁଦୁରୁକୁଣୀ:** ଓଷା ଭାଦ୍ରବ ରବିବାରରେ ହୁଏ। ଗୋପୀନାଥ ଦାସ ବହି ଲେଖକ। କୁମାରୀମାନେ ଓଷେଇତି। କେତେକାଂଶରେ ବିବାହିତାମାନେ ମଧ ଓଷା କରନ୍ତି। ରାତିରୁଉଠି ଫୁଲତୋଳାଯାଏ। ଫୁଲଗୁଚ୍ଛା ପର୍ଯ୍ୟାୟରେ

କେତେ ହସ କଉତୁକ ହୁଏ। ଆମ୍ରତୋରଣସହ ଭଳିକିଭଳି ଫୁଲମାଳରେ ଗାଆଁଦାଣ୍ଡ ହସୁଥାଏ। ସାହି ଝିଅମାନଙ୍କ ମଧ୍ୟରେ ପ୍ରତିଯୋଗିତା। ତାପରେ ମେଳହୋଇ ଗାଆଁ ପୋଖରୀ କିମ୍ବା ନଈରେ ଗାଧୁଆ। ଏ ସମୟ ଖୁବ୍ ଉପଭୋଗ୍ୟ। ବାଲୁକାପୂଜା ସାରି ଯେଝା ଘରକୁ ପିଲାଏ ଫେରନ୍ତି। ହୁଳହୁଳି ପଡୁଥାଏ। ଦ୍ୱିପ୍ରହରରେ ଆରମ୍ଭ ହୁଏ ପୂଜା। ଭାଲୁକୁଣୀ, ଓଷା କହାଣୀ ଭିତ୍ତିକ ପଟ୍ଟଚିତ୍ର ପୂଜା କରାଯାଏ। ଏବେ ଭାଲୁକୁଣୀ ହିଁ ମଙ୍ଗଳା।

ରାତିକୁ ପୁଣିଥରେ ପୂଜାହୁଏ। ଓଷା ବହି ପଢ଼ାଯାଏ। କୋଠି କୋଣରେ ଲିଆ ଜଳାଯାଏ। କପଡ଼ାରେ ମୋବିଲ୍/ କିରୋସିନ୍ ଗୁଡ଼ାଇ ତେଣ୍ଟା (ଶାଖା ବିଶିଷ୍ଟ ଡାଳ)ରେ ନିଆଁ ଲଗାଯାଏ। ବହିର ବୋଇତ ବନ୍ଦାଣ ସମୟରେ ଓଷେଇତି ଲିଆ ମୁଠାକରେ ତାକୁ ବନ୍ଦାନ୍ତି। ତା'ପରେ ବାଣଫୁଟେ। ଏଠି ବି ପ୍ରତିଯୋଗିତା। ପରଦିନ ଚାରିଟା ରାତିରୁ ଓଷେଇତିମାନେ ଉଠି ଓଷାକୋଠି ସଫାକରି ଫୁଲପତ୍ରକୁ ପାଣିରେ ଉଖାନ୍ତି। ତୁଠରେ ବାଣ ଫୁଟେ। ଏପରି ପାଞ୍ଚପାଳି ରବିବାର ଓଷା ହୁଏ।

ଓଷା ବହିରେ ତଅପୋଇ ମୁଖ୍ୟ। ତା'ର ସାତଭାଇ। ସାତ ଭାଉଜ। ସେ ବାପା ମାଆଙ୍କୁ ଅଳିକରି ସୁନାଚାନ୍ଦ ପାଇଲା। ବାପା ମାଆଙ୍କୁ ହରାଇଲା। ଭାଇଗଲେ ବଣିଜକୁ। ଭାଉଜମାନେ କଷ୍ଟ ଦେଲେ। ଛେଳି ଚରାଇବାକୁ ପଠାଇଲେ। ଭଲଲୁଗା, ତେଲ, ଭାତ କିଛି ବି ଦେଲେନାହିଁ। ସାନଭାଉଜ ଭଲ। ସେ କିନ୍ତୁ ଅନ୍ୟ ଛଅଜଣଙ୍କୁ ଡରେ। ଏରୂପେ ଦିନେ ଛେଳି ଘରମଣି ହଜିଲା। ମାଡ଼ଖାଇ ତଅପୋଇ ଛେଳି ଖୋଜୁଖୋଜୁ ଖୁଦୁରୁକୁଣୀ (ଖୁଦରଙ୍କୁଣୀ) ଓଷା ବୃତ୍ତାନ୍ତ ଜାଣିଲା। ଓଷା କଲା। ଛେଳି ମିଳିଲା; ଭାଇମାନେ ବି ବିଦେଶରୁ ଫେରିଲେ। ଭାଇ- ଭଉଣୀ ମିଶି ଭାଉଜମାନଙ୍କୁ ଦଣ୍ଡଦେଲେ। ତଅପୋଇ ବିଭାହେଲା। ଅଭିଶାପରୁ ମୁକ୍ତ ହୋଇ ତଅପୋଇରୂପୀ ଅପ୍ସରା ସ୍ୱର୍ଗକୁ ଗଲା। ମଙ୍ଗଳାଙ୍କ ସ୍ତୁତିକରିବା ଏହି ଓଷାପାଳନର ଉଦ୍ଦେଶ୍ୟ। ଭାଇର ଶୁଭମନାସି ଭଉଣୀ ଏହି ଓଷା କରେ।

**ପଞ୍ଚୁକବ୍ରତ:** ପଞ୍ଚୁକ ପାଞ୍ଚଦିନିଆ ବ୍ରତ। କାର୍ତ୍ତିକ ପ୍ରତିପଦାରୁ କାର୍ତ୍ତିକ ପୂର୍ଣ୍ଣିମା ବ୍ରତପାଳନର ସମୟ। ପ୍ରାୟ ସମସ୍ତେ ଏ ବ୍ରତ କରନ୍ତି। ବିଷ୍ଣୁ ପଞ୍ଚୁକ ନାମରେ ଏହି ବ୍ରତ ଜଣାଶୁଣା। ଏହି ବ୍ରତ କଲେ ବୈକୁଣ୍ଠପ୍ରାପ୍ତିର ଫଳ ମିଳେ ବୋଲି ବିଶ୍ୱାସ।

**ବୁଧେଇଓଷା:** ଏହି ଓଷା ଭାଦ୍ର ବୁଧବାର ଦିନ ହୁଏ। ବିବାହିତାମାନଙ୍କର ଏ ଓଷା। ପୁଅ ଓ ସ୍ୱାମୀଙ୍କର ମଙ୍ଗଳକାମନା କରି ଏ ଓଷା କରାଯାଏ। ଏଥିରେ ଦେବତା ମଙ୍ଗଳା, ଶିଳ ଶିଳପୁଆରେ ବୁଧେଇସୁଧେଇ ଷଷ୍ଠୀ ଦେବୀରୂପେ ପୂଜା ପାଆନ୍ତି। ଖୁଦୁରୁକୁଣୀପରି ଏହାର ବିଧାନ। ରବିବାର ପରି ଏଠାରେ ମଧ୍ୟ ଓଷେଇତିମାନେ ପୂଜାକରନ୍ତି ବ୍ରାହ୍ମଣ ଆସନ୍ତିନାହିଁ।

ଦ୍ୱିଜ ଗୌରଚରଣଙ୍କ ଓଷାବହି ପଢ଼ାହୁଏ। ଦେଶ, କୋଶଳ। ରାଜା ପ୍ରଭାକର। ପାରିଧିକୁ ଗଲାବେଳେ ଅଘଟଣ ଘଟିଲା। ରାଜା ଅପୁତ୍ରିକ। ରତ୍ନାକର ସାହୁର ସ୍ତ୍ରୀ ଶରଦୀ ରାଜା ମୁଖ ଦେଖି ଅଶୁଭ ବୋଲି କହିପକାଇଲା। ରାଜା ତା'ର ସ୍ୱାମୀ ଓ ପୁଅଙ୍କ ମୁଣ୍ଡ କାଟିଦେଲେ। ବିମଳା ପୂଜା କଲା। ଶିଳ-ଶିଳପୁଆଙ୍କୁ ଚୂଆ ଚନ୍ଦନ ଦେଲା। ଶିଳରେ ହଳଦୀମାଖି ଦେବୀର ରୂପ ଲେଖିଲା। ଗୁଆ, ନଡ଼ିଆ, କଳସ ବସାଇ ପୂଜାକଲା। ଏରୂପେ ପୁଅମାନଙ୍କୁ ବାରମ୍ବାର ମୃତ୍ୟୁ ପାଖରୁ ଫେରାଇ ଆଣିଲା। ରାଜା ଏ ଓଷାକଥା ଜାଣି ରାଣୀ ତିନୋଟିକୁ ଓଷା କରିବାକୁ କହିଲେ। ସେମାନେ ଓଷାକଲାରୁ ପୁଅ ଜନ୍ମକଲେ।

ନାରୀମାନେ ଶେଷ ପାଳି (ଭାଦ୍ରବ ଶେଷ ବୁଧବାର) ରେ କଳସ ପାଣି ଜଳାଶୟରେ ଉଖାଇ ଦିଅନ୍ତି। ପୁଅହେବା ଆଶାରେ ଅପୁତ୍ରିକନାରୀ କଳସରେ ଥିବା ଗୁଆ ଗିଳିଦିଅନ୍ତି ।

**ଷଠୀଓଷା:** ପିଲାଙ୍କ ଶୁଭ ମନାସି ମାଆମାନଙ୍କର ଏ ଓଷା। ଭାଦ୍ର ଶୁକ୍ଳଷଷ୍ଠୀ, ଓଷା ପାଳନର ସମୟ। ନଣନ୍ଦର ଜୀବନ ରଖିବାକୁ ସାଧବ ସାନବୋହୂ ଶପଥକଲା। କଥା ଅନୁସାରେ ଛଅଟି ପିଲା ଜନ୍ମକରି କ୍ରମାନ୍ୱୟରେ ଷଷ୍ଠୀ ଦେବୀଙ୍କୁ ଅର୍ପଣ କରିଥିଲା। ପରବର୍ତ୍ତୀ କାଳରେ ଷଠୀଓଷାକରି ଛଅ ପୁଅଙ୍କୁ ଫେରି ପାଇଲା ବୋହୂ। ଏହି କାହାଣୀ ଷଠୀଓଷାର ବିଷୟବସ୍ତୁ।

**ଅନନ୍ତବ୍ରତ:** ଅନନ୍ତବ୍ରତକୁ ସାଧାରଣତଃ ବିବାହିତା ମହିଳାମାନେ କରୁଥିବାର ଦେଖାଯାଏ। ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ ତିଥି - ଅନନ୍ତ ଚତୁର୍ଦ୍ଦଶୀ। ବ୍ରତ ବହିରେ ଅନନ୍ତଙ୍କୁ ଦେଖିବାକୁ ଇଚ୍ଛାକରିଥିବା କୌଣ୍ଡିନ୍ୟ ବ୍ରାହ୍ମଣଙ୍କ କଥା କୁହାଯାଇଛି। ପୂର୍ବଜନ୍ମର କର୍ମ ଅନୁରୂପ ଫଳର କଥା ଏହି ଓଷାରେ କୁହାଯାଇଛି। ପାପ ଓ ଅକର୍ତ୍ତବ୍ୟଠାରୁ ଦୂରେଇ ରହିବାକୁ ପରୋକ୍ଷରେ ପରାମର୍ଶ ଦିଆଯାଇଛି ।

**ଜହ୍ନିଓଷା:** ଭାଦ୍ରବ ପୂର୍ଣ୍ଣିମାଠାରୁ ଆଶ୍ୱିନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଓଷାର ସମୟ। ପ୍ରତ୍ୟେକ ସନ୍ଧ୍ୟାରେ ଚଉରାମୂଳେ ଓଷା। କୁମାରୀମାନେ ଓଷେଇତି। ଦୀନକୃଷ୍ଣ ଦାସ ଭଣିତ ଗୀତବହି। ପାଞ୍ଚୋଟି ଛାନ୍ଦ। ଏଗାର ଅକ୍ଷରି ପାଦ। ଦୁଇ ପାଦରେ ଗୋଟିଏ ପଦ। ମହାରାଷ୍ଟ୍ର, ଓଡ଼ରାଷ୍ଟ୍ର, କର୍ଣ୍ଣାଟ ଦେଶ, ବିରାଟ ଦେଶ ଓ ସୌରାଷ୍ଟ୍ର ଦେଶର କଥା ବର୍ଣ୍ଣିତ। ଏ ଓଷାରେ ମୁଢ଼ି (ଭୁଜା)ମଧ ପୂଜା ହୁଏ। କାଞ୍ଜିଅଁଳା ଓ ଦାଣ୍ଡପହଁରା ଓଷାରେ ମଧ ଭୁଜା ପୂଜା ହୁଏ। ଜହ୍ନିଓଷାରେ ଆମିଷ, ଜହ୍ନି ବାରଣ। ଜହ୍ନିଫୁଲରେ ପୂଜା; ମାତ୍ର ଜହ୍ନି ଛିଣ୍ଡାଇବାକୁ ମନା। କୁମାରପୂର୍ଣ୍ଣିମା ଦିନ ଏ ଓଷା ସମାପ୍ତହୁଏ। ସାରା ମାସ ଆମିଷ ବାରଣ। କେହିକେହି ଦଶହରାପରଠୁ ପାଞ୍ଚଦିନିଆ ବା ତିନିଦିନିଆ ବାରଣକରନ୍ତି। କୁମାରପୂର୍ଣ୍ଣିମା ଦିନସାରା କାଷ୍ଠାକରି, ସଞ୍ଜରେ ଜହ୍ନ ଦେଖି ପୂଜାକରନ୍ତି। ଜହ୍ନକୁ ଲିଆ ଏବଂ ଜହ୍ନିଫୁଲରେ ବନ୍ଦାଇ ଅଢ଼େଇଗୁଣ୍ଡା ଲିଆ ଚକଟାଖାଇ ଉପବାସ ଭାଙ୍ଗନ୍ତି। ସେଦିନ ରାତିରେ ଘରବାହାର ଲିଆ ବୁଣାଯାଏ। ଜହ୍ନକୁ ଦେଖି ପୁଚି ଖେଳିବା ଓ 'ଜହ୍ନିଫୁଲ ଠୋ ଠା' ଗୀତ ଗାଇବାର ମଜା କହିହେବନି।

**ଦ୍ୱିତୀଆଓଷା/ ଦୁତିଆଓଷା:** ଆଶ୍ୱିନମାସ କୃଷ୍ଣପକ୍ଷ ଅଷ୍ଟମୀ। ମୂଳାଷ୍ଟମୀ ଓ ଦ୍ୱିତୀଆଓଷା। ଦୁତିବାହନ ଦେବତା। ଓଷାକଥା ଉଭୟ ଗଦ୍ୟ ଓ ପଦ୍ୟରେ ମିଳେ। କାମାର୍ତ୍ତ ଅବସ୍ଥାରେ ସୂର୍ଯ୍ୟଦେବ ଶାଗ ପଟାଳିରେ ପରିସ୍ରାକଲେ। ସେ ଶାଗ ଖାଇ ବ୍ରାହ୍ମଣୀ ଗର୍ଭବତୀ ହେଲା – ଏହା ଆଶ୍ଚର୍ଯ୍ୟଜନକ। ତେବେ

ଏଭଳି ଅନେକ କଥା ଦେବୀ ପ୍ରଭାବରେ ଘଟିଥାଏ। ଏହି ଓଷାରେ ଘାଣ୍ଟ ତରକାରୀ ହୁଏ। ଗାଆଁମାନଙ୍କରେ ବାପଘରୁ ଆସିଥିବା ପନିପରିବା, ବୁଟ, ନଡ଼ିଆ, ଗଜାମୁଗ ପକାଇ ସୁସ୍ୱାଦୁ ତରକାରୀ କରାଯାଏ। କେତେକଙ୍କ ଘରେ ଏ ଓଷା ନଥାଏ; କିନ୍ତୁ ତରକାରୀ ରାନ୍ଧିଖାଇବାକୁ ବାରଣ ନଥାଏ। ଏହି ଓଷା କଲେ ଅପୁତ୍ରିକ ପୁତ୍ର ପାଏ ବୋଲି ବିଶ୍ୱାସରହିଛି।

**ଚଇତ୍ର ମଙ୍ଗଳବାର:** ଚୈତ୍ର ମସର ପ୍ରତି ମଙ୍ଗଳବାରେ ଓଷା। ଗାଆଁ ପାଖ ପୋଖରୀ କୂଳରେ ବର-ଅଶ୍ୱତ୍ଥ ଗଛମୂଳେ ହୁଏ। ବିବାହିତା ନାରୀ ସ୍ୱାମୀ, ପିଲାଙ୍କ ମଙ୍ଗଳ କାମନାକରି ଓଷାକରନ୍ତି। ପଣା ଓ ଉଖୁଡ଼ା ପ୍ରଧାନ ଭୋଗ। ଓଷା ଠା'ରେ ଦୁଇଗୋଟି ଗାତ ଖୋଳାଯାଏ। ଗୋଟିକରେ କ୍ଷୀର, ଅନ୍ୟଟିରେ ପଣା ଭୋଗ ଲଗାଯାଏ। କଦଳୀ, ନଡ଼ିଆ, ଗୁଡ଼, ଅଦା, ମରିଚ, କର୍ପୂରରେ ପଣା ହୁଏ। ଦେବୀ ପୂଜାରେ ପଣା ମୁଖ୍ୟ। ଓଷେଇତିମାନେ ନିଜେ ପୂଜାକରନ୍ତି। ବହି ପଢ଼ାହୁଏ। ଓଷା ସ୍ଥାନରେ ନାରୀମାନେ ଏକାଠି ବସି ଓଷା ବହି ଶୁଣନ୍ତି। ଗାଆଁର ପଞ୍ଚମ ବର୍ଣ୍ଣ (ପାଣ) ଘରୁ ଭିକ ମାଗନ୍ତି। ମଙ୍ଗଳା ପଞ୍ଚମ ବର୍ଣ୍ଣଙ୍କ ଦେବତା। ଅବ୍ରାହ୍ମଣ ବ୍ୟତୀତ ଅନ୍ୟ ଦୁଇ ବର୍ଣ୍ଣ ଏହି ଓଷା କରନ୍ତି ଏବଂ ଏହାରି ମାଧ୍ୟମରେ ବର୍ଣ୍ଣର ଅହଂକାର ଦୂର ହୁଏ। ଏହି ଓଷାରେ ପିଲାମାନଙ୍କର ପିନ୍ଧାଲୁଗା ଖଣ୍ଡେଖଣ୍ଡେ କାନ୍ଧରେ ପକାଇ ସେଇଥିରେ ଚାଉଳ ମାଗି ଆଣନ୍ତି। ପୋଖରୀରେ ସେତକ ଉଝେଇ ଦିଅନ୍ତି। ଗାଧୋଇପାଧୋଇ ଆଉଥରେ ଓଷା ପାଖରେ ପହଞ୍ଚନ୍ତି। ହୁଳହୁଳି ଦେଇ ଓଷାବିଧି କରନ୍ତି। ପଣାକୁ ପ୍ରସାଦ ରୂପେ ପାରଣାକରନ୍ତି।

ଚଇତି ହାଡ଼ିଆଣୀ ସର୍ବମଙ୍ଗଳା ପୂଜାକରେ। ମଦ, ମାଂସ, କୁକୁଡ଼ାଅଣ୍ଡା ଭୋଗଲଗାଏ। ସେ ଅପୁତ୍ରକ ରାଜାଙ୍କ ମୁହଁଦେଖି ଅଶୁଭ ବୋଲି କହିଦେବାରୁ ରାଜା ତାକୁ ଦଣ୍ଡଦେଲେ। ତା'ର ପୁଅମାନଙ୍କୁ କେତେ ବାଟରେ ମାରିବାକୁ ଚେଷ୍ଟାକଲେ। ହାଡ଼ିଆଣୀ ଦୁବ ପ୍ରସାଦ ଦେଇ ସାତପୁତ୍ର ବଞ୍ଚାଇଛି। ଓଷାର ବିଧିବିଧାନ ପଚାରି ରାଣୀ ଓଷାକରିଛନ୍ତି ଓ ପୁତ୍ରବତୀ ହୋଇଛନ୍ତି।

ନିଶା ମଙ୍ଗଳବାରରେ ଦେବତା ମଙ୍ଗଳା। ଓଷା ରାତିରେ, ମଙ୍ଗଳା କୋଠିରେ ହୁଏ। ଉଖୁଡ଼ା ଭୋଗ ଦିଆଯାଏ। ଜୁରି (ମଦ)ରେ ମାଜଣା କରାଯାଏ। ଏହି ଓଷା, ସନ୍ତାନ ଆଶାରେ। ଛୋଟ ପିଲାଙ୍କ ଦେହ ଖରାପହେଲେ ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ବଳି, ପଣା ଆଦି ଭୋଗ ଯାଚନା ହୁଏ। ମଙ୍ଗଳା ମାଆ ପିଲାଙ୍କୁ ଘଣ୍ଟଘୋଡ଼ାଇ ରଖିବାକୁ ନିବେଦନକରାଯାଏ।

**ନିଶା ମଙ୍ଗଳବାର:** ସନ୍ତାନପ୍ରାପ୍ତି ଓ ଅହିଅ ହେବାର କାମନାରେ, ଆଶ୍ୱିନ ଶୁକ୍ଳପକ୍ଷ ମଙ୍ଗଳବାର ନିଶାରାତିରେ ଓଷା ହୁଏ। ଗଦ୍ୟ ଓ ପଦ୍ୟରେ ଓଷା କଥା ରହିଛି। କାହାଣୀ ଭିନ୍ନ। ମଙ୍ଗଳାଙ୍କୁ ପୂଜାକରି ମୃତ ସାଧବ ଓ ତା'ର ପୁତ୍ରକୁ ପାଇଛି ସାଧବାଣୀ। ଅନ୍ୟ କଥାରେ ଗୋଟିଏ ନିଃସନ୍ତାନ ଗ୍ରାମକୁ ପୁତ୍ରବତୀ କରାଇଛନ୍ତି ମଙ୍ଗଳା। ଏହା ଓଡ଼ିଶା ତଥା ନୟାଗଡ଼ ଜିଲ୍ଲାର ଶାକ୍ତ ପରମ୍ପରାର ପ୍ରମାଣ ।

**ଷୋଳପାଳି ମଙ୍ଗଳବାର:** କୁମାରପୂର୍ଣ୍ଣିମାରୁ ଦୋଳପୂର୍ଣ୍ଣିମା ମଧ୍ୟରେ ପାଳନକରାଯାଏ। ସାହାଣ ବାହାଣ ରାଜ୍ୟର ରଜାପୁଅ ଓ ମନ୍ତ୍ରୀପୁଅର କାହାଣୀ ଏହାର ଗାନଗ୍ରନ୍ଥ। ରାଣୀଙ୍କ ହାତରୁ ମଙ୍ଗଳାପୂଜା ବ୍ରତ ବାହାରକରି ଫୋପାଡ଼ି ଦେବାର ଦଶା, ସମସ୍ତେ ଭୋଗିଛନ୍ତି। ଦ୍ୱିଗୁଣ ପୂଜାଦେଇ ମଙ୍ଗଳାଙ୍କୁ ସନ୍ତୁଷ୍ଟକରି ସେମାନେ ମୁକ୍ତ ହୋଇଛନ୍ତି। ଓଷାର ଉଦ୍ଦେଶ୍ୟ ମଙ୍ଗଳାପୂଜା ପ୍ରଚାର।

**ରାଇଦାମୋଦର ବ୍ରତ:** ସମଗ୍ର କାର୍ତ୍ତିକ ମାସ ରାଇଦାମୋଦର ବ୍ରତ ପାଳନର କାଳ। ଶେଷ ପାଞ୍ଚଦିନର ଦେବତା ଲକ୍ଷ୍ମୀ-ନାରାୟଣ। ବଳରାମ ଦାସ ଏବଂ ରଘୁନାଥ ଦାସ ନାମରେ ରାଇ ଦାମୋଦର ବ୍ରତ ଶୀର୍ଷକରେ ଦୁଇଖଣ୍ଡି ବ୍ରତ ବହି ରହିଛି। ବଡ଼ପଣ୍ଡାଙ୍କ ଝିଅ ରାଇ। ଜଗନ୍ନାଥଙ୍କୁ ବର ରୂପେ ପାଇବାକୁ ତାଙ୍କର ଏକାନ୍ତ ଇଚ୍ଛା। ଏଥିପାଇଁ ସେ ଲକ୍ଷ୍ମୀଙ୍କୁ ପୂଜା କରିଛନ୍ତି। ପୂଜାରେ ସନ୍ତୁଷ୍ଟ ହୋଇଛନ୍ତି ଲକ୍ଷ୍ମୀ ଓ ରାଇଙ୍କୁ ବର ମାଗିବାକୁ କହିଛନ୍ତି। ରାଇ ଦାମୋଦରଙ୍କୁ ମାଗିଛି। ମନାକରି ପାରିନାହାନ୍ତି ଲକ୍ଷ୍ମୀ। ପଚିଶ ଦିନପାଇଁ ଦାମୋଦରଙ୍କୁ ରାଇ ହାତକୁ ସମର୍ପଣ କରିଛନ୍ତି ଏବଂ ଆପେ ପାଞ୍ଚ ଦିନ ନାରାୟଣଙ୍କ ପାଖରେ ରହିଛନ୍ତି। ଏହି ବ୍ରତର ଆଚରଣକାରୀ, ବିଧବା। ସେମାନେ ଚଉରାମୂଳରେ ମୁରୁଜରେ ରାଇଦାମୋଦର, ଶଗଡ଼, ପଦ୍ମଫୁଲ, ଚକ୍ର ଆଦିର ଚିତା ଲେଖନ୍ତି। ସକାଳେ ରାଇଦାମୋଦର ପୂଜା କରନ୍ତି। ବ୍ରତଚାରିଣୀମାନେ ମୁଖ୍ୟତଃ ବ୍ରାହ୍ମଣ ଜାତିର।

**କାଞ୍ଜିଅଁଳା ଓଷା:** ମାର୍ଗଶୀର କୃଷ୍ଣ ନବମୀ ଓଷା ପାଳନର ଦିନ। ସନ୍ଧ୍ୟାରେ ଖଳାବାଡ଼ିରେ ପୂଜାହୁଏ। ଚାରିକୋଣିଆ ସରୁ ପହଣି / କୋଠି(ଗାତ) ଖୋଳା ଯାଏ। ତାହା ପୋଖରୀ। ତହିଁରେ ପାଣି ଢାଳି ଚେଙ୍ଗମାଛ ଛଡ଼ାଯାଏ। ମଝି ଢିପରେ ଧାନଗଛ, ଅପମାରଙ୍ଗ ଗଛ, ମୂଳା, ଆଖୁ ରଖାଯାଏ। ନୂଆଲୁଗା ଓଢ଼ଣା ଦିଆଯାଏ। ଗଛମୂଳେ ଭୁଜା, ପୋଇଖଡ଼ୁ, ପିତାଶୁଖୁଆ- ବୋହୂ ରଖାଯାଏ। ପିତାଶୁଖୁଆକୁ ସିନ୍ଦୁର, କଜ୍ଜଳ, ହଳଦୀକନାରେ ସଜାଇଦିଆଯାଏ। ଘରର ଗୋଟିଏ ପୁଅପାଇଁ ଗୋଟିଏ ବୋହୂ। ଗୋଟିଏ ବୋହୂପାଇଁ ଦୁଇଟି ପୋଇ ଡଙ୍କ ଖଡ଼ୁ। ଦିନସାରା ଭାତ ନଖାଇ ନାରୀମାନେ ରହନ୍ତି। କିନ୍ତୁ ଭୁଜା ଖାଇବା ନିଷେଧ ନୁହେଁ। ରାତିରେ ଉଷୁନା ଭାତ, ମାଛ ତରକାରୀ, ଭଜା, ଶାଗଖରଡ଼ା, ମୂଳା, ଆଖୁ, ଚକୁଳିପିଠା ଆଦି ପୂଜାକରାଯାଏ। ଗୋଟାଏ ବଡ଼ କଦଳୀ ପତ୍ରରେ ଭୋଗବଢ଼ାଯାଏ। ପୂଜା ଶେଷରେ ସେଥିରୁ ପ୍ରସାଦ ଖାଇଲେ ଅପୁତ୍ରକ ନାରୀ ପୁଅ ପାଏ ବୋଲି ବିଶ୍ୱାସ। ଗାଆଁରେ ଛୋଟପିଲାମାନେ ଏ ଭୋଗକୁ ଅତି ଆନନ୍ଦରେ ଖାଆନ୍ତି। ଯେତେ ଓଷା ବ୍ରତ ଅଛି ସବୁଠୁ ଏ ଓଷାର ଭୋଗ ସୁଆଦିଆ ।

ଓଷାବହି କହେ, ସାଧବର ସାନବୋହୂ ପଡ଼ିଶା ବାଡ଼ିରୁ କଖାରୁ ଚୋରେଇ ଖାଇଲା। ପଡ଼ିଶାର ଅଭିଶାପରେ ତାର ସାତ ପିଲା ମଲେ। ଘରୁ ତଡ଼ାଖାଇ ଅଗନାଅଗନି ବଣରେ ବୋହୂ ଅଷ୍ଟମ ପିଲା ଜନ୍ମଦେଲା। ଷଠୀଦେବୀଙ୍କ କୃପାରୁ ସମସ୍ତ ପିଲା ସେ ଫେରିପାଇଲା। କୃତଜ୍ଞତା ସ୍ୱରୂପ କାଞ୍ଜିଅଁଳାଓଷା କଲା।

**ପଣ୍ଡୁଓଷା:** ପଣ୍ଡୁଙ୍କ ନାମାନୁସାରେ ପଣ୍ଡୁ ଓଷା ହୋଇଥାଇପାରେ। ଓଷାବହି କିନ୍ତୁ ଅଲଗା କଥା କହେ। ଯମ ଏହି ଓଷାର ଦେବତା। ଅପୁତ୍ରକ ନାରୀ ପୁତ୍ର ପାଇବାପାଇଁ ଓଷାକରେ।

ଜମ୍ବୁ ଦ୍ୱୀପ। ନଗର କଳିଙ୍ଗ। ସୁଶାସକ ହୋଇମଧ ରାଜାଙ୍କର ସନ୍ତାନ ନଥିଲେ। ନୀଚବର୍ଗର ନାରୀଟିଏ ତାଙ୍କୁ ଅପୁତ୍ରକ କହି ଅପମାନ କଲା। ରାଜା ଆତ୍ମହତ୍ୟାକରିବାକୁ ଚାହିଁଲେ। ଘଟଣାକ୍ରମେ ରାଣୀ ପଣ୍ଡୁଓଷା କଲେ, ପୁଅପାଇଲେ। ରାଜାରାଣୀ ପୁଅକୁ ନେଇ ସୁଖରେ ରହିଲେ ମାତ୍ର, ଓଷାକୁ ଭୁଲିଗଲେ। ପୁଅ ଯୁବକ ହେଲା। ଓଷା ନହେବାରୁ ଯମ ରାଗିଗଲେ ଏବଂ ରାଜାଙ୍କ ଯୁବକ ପୁଅର ମୃତ୍ୟୁ ହେଲା। ଯମଙ୍କ ମାଆ ଏହା ଦେଖି ଦୁଃଖିତ ହେଲେ। କାହାର ଯୁବକ ପୁଅ ଛଡ଼ାଇଆଣିବା ଠିକ୍ କଥା ନୁହେଁ ବୋଲି ବୁଝାଇଲେ। ଯମ ଶୁଣିଲେନାହିଁ। ତାଙ୍କୁ ବୁଝାଇବାକୁ ମାଆ ପାଚିଲା କଦଳୀ ବଦଳରେ କଞ୍ଚା କଦଳୀଗୁଡ଼ିଏ ତୋଳିଆଣିଲେ। ଯମ କଞ୍ଚା, ପାଚିଲାର ଫରକ ବୁଝଲେ ଏବଂ ସ୍ୱୀକାରକଲେ ଯେ ରାଜକୁମାରକୁ ଅବେଳରେ ନେଇଆସିବା ଠିକ୍‌ହେଲାନାହିଁ।

କୁମାରଙ୍କୁ ରକ୍ଷାକରିବାକୁ ଯମଙ୍କ ମାଆ ଯୋଜନାକଲେ। ଯୋଜନା ଅନୁସାରେ କୁମାର ଛିଙ୍କିଦେଲେ; ମାଆ ତାଙ୍କୁ ଅମର ହେବାକୁ ଆଶୀର୍ବାଦଦେଲେ। ଯୁବକ ଯମପୁରରୁ ଫେରିଆସି ବାପା ମାଆଙ୍କୁ ପଣ୍ଡୁଓଷା କଥା ମନେପକାଇଦେଲେ। ଓଷା କରିବାରୁ ପରିବାର ଅଭିଶାପମୁକ୍ତ ହେଲେ।

**ଦାଣ୍ଡପହଁରା:** ପୌଷ କୃଷ୍ଣ ତୃତୀୟାରେ ଏ ଓଷା ପାଳିତହୁଏ। ପିଲାଙ୍କ ଦୀର୍ଘଜୀବନ କାମନାକରି ମାଆମାନେ ଓଷା କରନ୍ତି। ମଝିଦାଣ୍ଡରେ ଅପବାଳୁଙ୍ଗା ଡାଳ ପୋତି ଓଷା କରାଯାଏ। ପୁରୋହିତ ନଥାନ୍ତି। କାଞ୍ଜି ଅଁଳାପରି ଉଷୁନାଭାତ, ତରକାରୀ, ଭୂଜା, ପିଠା ଆଦି ପୂଜା କରାଯାଏ। ଶେଷରେ ପ୍ରସାଦପାଖରେ ପିଲାଙ୍କ ଠେଲାପେଲା। ପିଲାଙ୍କୁ କାଖେଇ ମାଆମାନେ କଳ୍ପିତ ଅପବାଳୁଙ୍ଗା ଦିଅଁ ଚାରିପାଖ ଓଳାନ୍ତି। ଅପବାଳୁଙ୍ଗା ଖଣ୍ଡେ ଧରି କାଖରେ ଛୋଟରୁ କିଶୋର ବୟସର ପିଲାଙ୍କୁ ଧରି ମାଆମାନେ ଯେତେବେଳେ ଓଳାନ୍ତି, ହସ କୌତୁକରେ ଦାଣ୍ଡ ଉଚ୍ଛୁଳୁଥାଏ।

ବିରଞ୍ଚି ନଗର। ବୀରବିକ୍ରମ ରଜା। ବାସୁଦେବ ସାଧବ। ସାଧବର ସାତପୁଅ, ସାତବୋହୂ। ସାନବୋହୂ ଛେନାଗୁଡ ବାଣ୍ଟୁଥିଲା। ଶେଷରେ ଆସିଥିବା ପିଲାଟିକୁ ଖପରା ଖଣ୍ଡେ ଧରାଇଦେଲା। ସେ ପିଲା କହିଲା - ତୁ ମୋତେ ଥରେ ଭଣ୍ଡିଲୁ, ମୁଁ ତୋତେ ସାତଥର ଭଣ୍ଡିବି। ସେ ହରିହର କୁମର। ସ୍ୱର୍ଗରେ ଥାଏ। ତା'ର ଦୁଇ ପତ୍ନୀ। ସେ ସାନବୋହୂର ପୁଅ ହୋଇ ବାରମ୍ବାର ଜନ୍ମହେଲା ଓ ମଲା। ସପ୍ତମପୁଅ ମରିବାପରେ ପରିଜନବର୍ଗ ମଶାଣିରେ ପୋତିଦେଇ ଆସିଲେ। ସେ ବୋହୂ ଫେରିଲାନାହିଁ। ନିତେଇ ଧୋବଣୀ ସାହାଯ୍ୟରେ ସେ ସ୍ୱର୍ଗକୁ ଗଲା। ହରିହର କୁମର ତାର ସ୍ତ୍ରୀମାନଙ୍କ ସହିତ କଥା ହେଉଥିଲା। ମର୍ତ୍ତ୍ୟକୁ ଗଲେ କିପରି ଫେରିଆସିବ ତା'ର ଉପାୟମାନ କହୁଥାଏ। ସ୍ତ୍ରୀମାନେ ନଆସିପାରିବାର ବିଭିନ୍ନ ଆଶଙ୍କା କରୁଥାଆନ୍ତି। ସାନବୋହୂ ସେକଥା ଶୁଣିଲା। ଏଥକୁ ଉପାୟ ମଧ ଶୁଣିଲା। ଏହି କଥୋପକଥନ କୌତୁହଳପୂର୍ଣ୍ଣ। ପଢ଼ିବାକୁ ଶୁଣିବାକୁ ଭଲଲାଗେ; ମାତ୍ର ମାଆମାନେ କାହାଣୀ ଶୁଣି କାନ୍ଦିପକାନ୍ତି।

କୁମର କହିଛି – ଜନ୍ମ ନହେଉଣୁ ଗର୍ଭରେ ଥାଇ ପ୍ରଥମ ମାସରେ ଦୁଧ ଗଇଁଠା, ଦ୍ୱିତୀୟ ମାସରେ ନେଉଟିଆଶାଗ, ତୃତୀୟ ମାସରେ କୋଶଳାଶାଗ, ଚତୁର୍ଥରେ ମୂଳା ଓ କାଞ୍ଜି, ପଞ୍ଚମରେ ଚାଉଳ ଭଜା, ଷଷ୍ଠରେ ଚକୁଳି ପିଠା, ସପ୍ତମରେ ମୁଗମଣ୍ଡା, ଅଷ୍ଟମରେ ମୁଗ ପଇତି, ନବମରେ ଘାଣ୍ଟ ତିଅଣ, ଦଶମ ମାସରେ ମାଛ-ମରିଚପାଣି ଖାଇବାକୁ ମନକରିବି। ମାଆ ନଖାଇଲେ ଆସିବି। ମାଆ ଚତୁର ହୋଇ ସବୁ ଖାଇଲେ, ଅନ୍ୟ ବାଟ ଅଛି। ଜନ୍ମ ହେଲାକ୍ଷଣି ଲୋକେ 'ସୁନ୍ଦର ପିଲା' କହିଲେ ଆସିବି। ଉତ୍ତରରେ ଦୁଇ ସ୍ତ୍ରୀ କହୁଛନ୍ତି – ମାଆ ଯଦି ଦୁଇକାନ ଫୋଡ଼ାଇ, ଛଅକଡ଼ାକୁ ବିକି ନଅ କଡ଼ାକୁ କିଣିବେ, ବିକାକିଣା। ନାମଦେବେ ତେବେ କିପରି ଆସିବ। ପଞ୍ଚୁଆତି, ଷଷ୍ଠୀ, ଉଠିଆରୀ, ଦଶମୀ ବନ୍ଦାପନା, ବାରଯାତ୍ରା, ଏକୋଇଶିଆ ନକଲେ ଆସିବି। ଗୁରୁଣ୍ଡିଲାବେଳେ ଏରୁଣ୍ଡି ଉଚ୍ଚ ନକଲେ ନିଆଁ ଉହ୍ଲେଇରେ ପଡ଼ି ଆସିବି। ଠୁକୁଠୁକୁ ଚାଲିଲାବେଳେ ଖସିପଡ଼ିବି। ଦାନ୍ତ ଉଠିଲାବେଳେ ଦାନ୍ତ ଗଇଁଠା ନଦେଲେ ଆସିବି। ବଡ଼ ହେଲେ ତେଲିର ତେଲ ପସରା ଭାଙ୍ଗିବି, କୁମ୍ଭାରର ହାଣ୍ଡି ଭାଙ୍ଗିବି; ସେମାନେ ଗାଳିଦେଲେ ଆସିବି। ମାଆ ଯଦି ଟଙ୍କାଦେଇ ସେମାନଙ୍କୁ ଖୁସିକରିଦେବେ ତେବେ ଅନ୍ୟ ଉପାୟ ଅଛି। ବୈଶାଖରେ ସୋରିଷଫୁଲ, ଶ୍ରାବଣ ବର୍ଷାରେ ସଡ଼କଧୂଳି, ମାଘରେ ପାଚିଲାତାଳ ମାଗିବି, ନଦେଲେ ଆସିବି। ମାଆ ଆଗରୁ ଯୋଗାଡ଼କରି ସାଇତି ରଖିଥିବେ, ଦେବେ। ପୁଣି ବାହାଦେବାକୁ କହିବି। ମାଆ ନିଜେ ବିଭା କରାଇବେ। ବେଦୀଉପରେ କ୍ଷୀର ଖାଇବାକୁ ମାଗିବି। ପୋଡ଼ପିଠା, କାଞ୍ଜି, ମାଛ ମାଗିବି; ନଦେଲେ ଆସିବି। ଦୋଳମୁକୁଟରେ ଛାମୁଣ୍ଡିଆ ବାଜିଲେ ଆସିବି – ଏସବୁର ବ୍ୟବସ୍ଥା ହୋଇଥିଲେ ସ୍ୱର୍ଗର ମୀନକେତନ ମାଳୀ, ଜୟ ବିଜୟ ଘଣ୍ଟି ମାଗିବି। ମାଆ ମର୍ତ୍ତ୍ୟରେ ପାଇବେ ନାହିଁ। ଏଇଟା ଶେଷ ଉପାୟ ଫେରି ଆସିବାକୁ।

ବୋହୂ ସବୁଶୁଣିଲା। ମନେରଖିଲା। ସେମାନେ କଳରା ଗଛମୂଳକୁ ମାଳି ଓ ଘଣ୍ଟି ପକାଇଲା କ୍ଷଣି ବୋହୂ ଏ ସବୁ କାନିରେ ବାନ୍ଧିଲା। ନିତେଇ ଧୋବଣୀ ସଙ୍ଗେ ମର୍ତ୍ତ୍ୟକୁ ଫେରି କୁମର ଜନ୍ମକୁ ଅପେକ୍ଷାକଲା। ପୁଅ ଜନ୍ମିଲା। ସ୍ୱର୍ଗରେ ଶୁଣିଥିବା କଥାସବୁ ବୋହୂ କରିଚାଲିଲା। କୁମର ଫେରିପାରିଲା ନାହିଁ। ଘର ସଂସାର କଲା। ହୀରାବତୀ ଓ ଲୀଳାବତୀ କୌଶଳ କରି ସ୍ୱାମୀ ହରିହର କୁମରକୁ ପୁଣି ସ୍ୱର୍ଗକୁ ବାହୁଡ଼ାଇନେଲେ। ପୁଅପାଇଁ ମାଆ କେଉଁଠିକି ବି ଯାଇପାରେ। ଏଠାରେ ପ୍ରମାଣିତ। ମାତୃତ୍ୱର ଗୌରବ କଥା ହିଁ ଏଠାରେ କୁହାଯାଇଛି।

ଯେତେ ଓଷା ବହି ରହିଛି – ତନ୍ମଧ୍ୟରୁ ଏ ବହିଟି ଶୁଣିବାକୁ ଆନନ୍ଦଲାଗେ। ଗଦ୍ୟ-ପଦ୍ୟ ମିଶା (ପଦ୍ୟାତ୍ମକ ଗଦ୍ୟ) ଭାଷାରେ ରଚିତ। ବିଲୁଆ ଭୁକିବା ବେଳକୁ ଓଷା ଶେଷହୁଏ।

**ଅଲଣାଓଷା:** ଧନୁସଂକ୍ରାନ୍ତିଠାରୁ ମକରସଂକ୍ରାନ୍ତି ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର ସକାଳେ, ସୂର୍ଯ୍ୟୋଦୟ ସମୟରେ ଓଷାହୁଏ। ଦେବତା ସୂର୍ଯ୍ୟ। ସେ ଧର୍ମଦେବତା। ନାରୀଏ ତାଙ୍କୁ

'ବାପସାଆନ୍ତ' କହି ପୂଜାକରନ୍ତି। ସକାଳୁ ଅଗଣା ରଙ୍ଗମାଟି/ ଗୋବରରେ ଲିପାହୁଏ। ପୂର୍ଣ୍ଣକୁମ୍ଭ ବସେ। ପିଢ଼ାଉପରେ ଗୁଆ, କଉଡ଼ି ମଣ୍ଡନ କରାଯାଏ। ସାତଗୋଟି ଶିମ୍ବପତ୍ରରେ ଶୋରିଷଫୁଲ ରଖି ପୂଜା ଆରମ୍ଭକରାଯାଏ। ଓଷାବହି ପଢ଼ାଯାଏ। ଶେଷପାଳି ରବିବାର ଅଲଣା ଅଟକାଳି ପୂଜାହୁଏ। ମୁଖ୍ୟ ଚରିତ୍ର ଚକୁଳିଆପଣ୍ଡା। ସ୍ତ୍ରୀ ଓ ଦୁଇ ଝିଅଙ୍କୁ ନେଇ ତା'ର ସଂସାର। ପିଠା ଖାଇବାକୁ ପଣ୍ଡାର ମନହେଲା। ସେ ଗାଆଁଗାଆଁ ବୁଲି ଚାଉଳ ଆଣିଲା ଓ ପ୍ରଧାନ ଖଳାରୁ ପଣ୍ଡିଆଣୀ ବିରି ମାଗିଆଣିଲା। ବିରି, ଧାନ ଶୁଖାଇ ପଣ୍ଡିଆଣୀ ଘରକୁ ଆସିଛି, ଏ ସମୟରେ ଧାନସବୁ ଷଣ୍ଢ ଖାଇଗଲା। ପଣ୍ଡିଆଣୀ ରାଗରେ ଷଣ୍ଢକୁ ବାଡ଼େଇଲା। ମାଡ଼ଖାଇ ଷଣ୍ଢ ସେଠାରେ ଝାଡ଼ାଫେରିଲା। ପଣ୍ଡିଆଣୀ ଗୋବରକୁ ଧୋଇ ଗୋଟିଏ ଧାନ, ଗୋଟିଏ ବିରି ପାଇଲା। ତାକୁ ବାଟି ପିଠା କଲା। ଝିଅଙ୍କୁ ପିଠା ନଦେବାକୁ ପଣ୍ଡା କହିଥିଲା। ମାତ୍ର ଝିଅମାନେ ଉଠି ପିଠା ମାଗିଲେ ଓ ଖାଇଲେ। ଖାଉଖାଉ ସବୁ ଖାଇଦେଲେ। ପିଠାଖାଇବାରୁ ପଣ୍ଡା ଦୁଇଝିଅଙ୍କୁ ବଣରେ ଛାଡ଼ିଦେଲା। ସେମାନେ ବାପସାଆନ୍ତଙ୍କ ଦୟାରୁ ଓ ଅଲଣାଓଷା ପୂଜିବାରୁ ସୌଭାଗ୍ୟବତୀ ହେଲେ। ପଣ୍ଡା ଧନ ଓ ସନ୍ତାନ ପାଇଲା। ଝିଅମାନେ ଘରକୁ ଫେରିଲେ। ଘରକୁ ଆସି ପଣ୍ଡା ଦେଖେତ ଘରେ ଅଟକାଳି ହାଣ୍ଡି ବସିଛି। ଓଷା ହେବ। ରାଗରେ ପଣ୍ଡା ତାକୁ ଭାଙ୍ଗିଦେଲା ଓ ଝିଅଙ୍କୁ ଘରୁ ବାହାରକରିଦେଲା। ସେମାନେ ପୁଣି ବାପସାଆନ୍ତଙ୍କ ଘରକୁ ଚାଲିଆସିଲେ। ସେଠାରେ ରହି ବଡ଼ଝିଅ ରଜାପୁଅ ଓ ସାନଝିଅ ମନ୍ତ୍ରୀପୁଅକୁ ବରିଲେ। ରାଣୀ ଗର୍ବକଲେ। ଓଷା କଲେନାହିଁ। ତେଣୁ ଧନକ୍ଷୟହେଲା। ମନ୍ତ୍ରୀ ପତ୍ନୀ ପରାମର୍ଶରେ ଓଷା କରିବାରୁ ରାଣୀଙ୍କ ସୌଭାଗ୍ୟ ଫେରିଲା। ଘଟଣା କ୍ରମେ ପଣ୍ଡା ମଧ ଧନସମ୍ପତ୍ତି ପାଇଲା। ଏରୂପେ ସୂର୍ଯ୍ୟପୂଜାର ପ୍ରଚାରହେଲା। ଭାରତୀୟ ଧାର୍ମିକ ପରମ୍ପରାର ପ୍ରତୀକ ଏ ଓଷା।

**ଶାମ୍ବ ଦଶମୀ:** ପୌଷ ଶୁକ୍ଳଦଶମୀ ତିଥି ଶାମ୍ବଦଶମୀ। ଗାଆଁରେ ଏହାକୁ 'ଶମ୍ବର ଦଶେଇଁ' କହନ୍ତି। ମଣ୍ଡାପିଠା ତିଆରିକରି ଏଦିନ ସୂର୍ଯ୍ୟଙ୍କୁ ଅର୍ପଣ କରାଯାଏ। ବ୍ରତ ରୋଗରୁ ମୁକ୍ତି ଓ ସନ୍ତାନମାନଙ୍କ ମଙ୍ଗଳ ହୁଏ ବୋଲି ବିଶ୍ୱାସ। ସୂର୍ଯ୍ୟଙ୍କୁ ଉପାସନା କରି ଶାମ୍ବ କୁଷ୍ଠରୋଗରୁ ମୁକ୍ତ ହେବାକଥା ବ୍ରତ ବହିର ବିଷୟ। କୃଷ୍ଣ ସତ୍ୟଭାମାଙ୍କ ସଙ୍ଗେ ଆଳାପକରୁଥିବା ସମୟରେ ଦୁର୍ବାସା କୃଷ୍ଣଙ୍କୁ ଦେଖାକରିବାକୁ ଜିଦ୍‌କଲେ। ଶାମ୍ବ ଦ୍ୱାରପାଳ। ସେ ଦୁର୍ବାଶାଙ୍କୁ ଭିତରକୁ ଛାଡ଼ିଲେ ନାହିଁ। ଜରୁରୀ ପ୍ରବେଶପାଇଁ ଋଷି ଜିଦ୍‌କଲେ। ଅନୁମତି ନେବାପାଇଁ ଶାମ୍ବ ଅନ୍ତପୁରକୁ ଗଲେ। ଶାମ୍ବଙ୍କ ଉପସ୍ଥିତି କୃଷ୍ଣଙ୍କ ଦୃଷ୍ଟିରେ ଅପରାଧ ବିଚାର ହେଲା। ସେ ଅଭିଶାପଦେଲେ। ଫଳତଃ ଶାମ୍ବ କୁଷ୍ଠରୋଗରେ ଆକ୍ରାନ୍ତହେଲେ। ଦୁର୍ବାସାଙ୍କ ପରାମର୍ଶରେ ଅର୍କକ୍ଷେତ୍ରରେ ସୂର୍ଯ୍ୟଙ୍କୁ ତପସ୍ୟା କରି ସେ ରୋଗମୁକ୍ତ ହେଲେ।

**ହାଣ୍ଡିଭଙ୍ଗା ପୂର୍ଣ୍ଣିମା :** ବୈଶାଖ ପୂର୍ଣ୍ଣିମାକୁ ହାଣ୍ଡିଭଙ୍ଗା ପୂର୍ଣ୍ଣିମା ଭାବରେ ପାଳନକରାଯାଏ। ଏଠାରେ ମଧ ଦେବତା ମଙ୍ଗଳା। ଗ୍ରାମ ଦେବତୀଙ୍କ ଆସ୍ଥାନ ପାଖରେ ପୂଜାହୁଏ। ବିଭିନ୍ନ ଫୁଲ,ଫଳ ପୂଜାର ନୈବେଦ୍ୟ। ନାରୀମାନେ ନୂଆହାଣ୍ଡିରେ ମୁଗ, ଚାଉଳ, ଗୁଡ଼, ନଡ଼ିଆର ଜାଉ କରନ୍ତି। ଜାଉହାଣ୍ଡିକୁ ମୁଣ୍ଡରେ ମୁଣ୍ଡାଇ ହାତରେ ଦୀପଧରି ଆସ୍ଥାନ ପାଖ ଗଛକୁ ସାତଥର ପ୍ରଦକ୍ଷଣକରନ୍ତି। ଶେଷରେ ଜାଉହାଣ୍ଡି ଗଛମୂଳେ ଭାଙ୍ଗିଦିଅନ୍ତି। ଓଷା ଶେଷହୁଏ। ପିଲାମାନଙ୍କୁ ଦୁରାରୋଗ୍ୟ ବ୍ୟାଧିରୁ ରକ୍ଷା କରିବାପାଇଁ ମାଆମାନେ ଓଷାକରିଥାନ୍ତି। ନୟାଗଡ଼ର ବାରବାଟୀସ୍ଥିତ ଚକ୍ରବାଉତୀ ପୀଠରେ ଓଷାଦିନ ଉତ୍ସବ ହୁଏ ।

**ବାଟଓଷା:** ଦାଣ୍ଡପହଁରାଓଷା ଦିନ ଅଧରାତିକୁ ବାଟଓଷା ହୁଏ। ଏହା ଯମଙ୍କ ପୂଜା। ନିଶାରାତିରେ ଗାଆଁମୁଣ୍ଡ ମଝିରାସ୍ତାରେ ଏହି ଓଷା ହୁଏ। ନାରୀମାନେ ନୂଆଲୁଗାକୁ ବାଟରେ ପାରି ଦିଅନ୍ତି। ତାକୁ 'ପାହାଡ-ପାରିବା' କୁହାଯାଏ। ଗାଆଁର ସବୁନାରୀ ଏକାଠିହୁଅନ୍ତି। ରାସ୍ତାଉପରେ ଲୁଗା ପରାଯାଏ। ଏହକୁ ପାହାଡ଼ପାରିବା କୁହାଯାଏ। ପିଲାଏ ସେଥିରେ ଗଡ଼ିଥାନ୍ତି। ଦୁଆରଧୂଳିରେ ବାଲୁକା ସ୍ଥାପନ କରାଯାଏ। ଫୁଲପତ୍ରରେ ସଜ୍ଜାଯାଏ। ବଜ୍ରମୂଳିରେ ଚାରିପାଖ ପରିଷ୍କାର କରାଯାଏ। ପିଠାପଣା ହୁଏ। ଓଷା ବଡ଼ କଠିନ। ମାନସିକ କରି ଓଷା କରାଯାଏ।

ପଣ୍ଡୁଓଷା କଥା ସଙ୍ଗେ ଏହି ଓଷାକଥାର ସାମଞ୍ଜସ୍ୟ ରହିଛି। ବିଷ୍ଣୁ ହିଁ ଏହି ଓଷାର ପରିକଳ୍ପନା ଓ ପ୍ରସାର କରାଇଲେ। କୋଶଳ ଦେଶର ରାଜା ସୁଦର୍ଶନ, ରାଣୀ ଲୀଳାବତୀ। ଅପୁତ୍ରିକ ସେମାନେ। ରାଣୀ ଓଷାକରି ପୁତ୍ରବତୀ ହେଲେ। ତା'ପରେ ଓଷା କଥା ଭୁଲିଗଲେ। ଯମ ସାତବର୍ଷ ଅପେକ୍ଷାକଲେ। ଓଷା ନୋହିଲା। ସାତବର୍ଷର ପୁତ୍ର ବୀରସେନକୁ ଯମ ଅପହରଣକଲେ। ପଣ୍ଡୁଓଷା କଥାରେ ଯମଙ୍କ ମାଆ ଯେପରି ବାଳକକୁ ରକ୍ଷାକଲେ; ସେପରି ବୀରସେନକୁ ମଧ ସେ ରକ୍ଷାକଲେ। ବୀରସେନ ଯମଭୁବନରୁ ଫେରି ମାତାଙ୍କୁ ଓଷାକରିବାକୁ ସୂଚାଇଲା। ରାଣୀ ଓଷାକଲେ। ଯମ ସନ୍ତୁଷ୍ଟହେଲେ।

**ସଙ୍କଟ ଚଉଠୀ:** ଅନ୍ୟ ନାମ ଶଙ୍କରଚଉଠୀ, ଶଙ୍କରଚତୁର୍ଥୀ। ମାଘ-କୃଷ୍ଣ ଚତୁର୍ଥୀ ରାତିରେ ଓଷା। ଏଥିରେ ଚାଉଳଭଜାର ପିଠା ଭୋଗହୁଏ। ଓଷାର ନିୟମ ଅତି କଠିନ। ଓଷେଇତି ଏକୁଟିଆ ଏହି ପିଠା କରିବ। ନୂଆ ଧାନ ବିଡ଼ାକୁ ବାଡ଼େଇ ଧାନ ସଂଗ୍ରହକରି ତାକୁ ଗୋଟିଏ ଗୋଡ଼ରେ ଢିଙ୍କିରେ କୁଟି ଚାଉଳ ବାହାରକରିବ। ନୂଆ କୁଲାରେ ପାଛୁଡ଼ିବ। କୁଣ୍ଡାକୁ ପାଣିରେ ବିସର୍ଜନକରିବ। ଚାଉଳକୁ ନୂଆ ମାଟିହାଣ୍ଡିରେ ଭାଜିବ। ଭଜା ଚାଉଳକୁ ପୁଣି ଢିଙ୍କିରେ କୁଟି ଚୂନାକରିବ। ତାକୁ ଜନ୍ତଣିକରି ଗୋଟିଏ ହାତରେ ଚିପିଚିପି ଗଇଁଠାକରିବ। ଚିନି ନୁହେଁ, ଗୁଡ଼ର ବ୍ୟବହାର ହେବ। ସେହି ପିଠାକୁ ନୂଆ ଚାଙ୍ଗୁଡ଼ିରେ ନେଇ ତୁଳସୀମୂଳେ ହରପାର୍ବତୀଙ୍କୁ ପୂଜାକରିବ। ପରଦିନ ଶିବମନ୍ଦିରକୁ ଯାଇ ଶିବଙ୍କୁ ଦର୍ଶନକରି ଫେରିବାରେ ବ୍ରତଭାଙ୍ଗିବ।

ପୁରୋହିତ ବ୍ରତବହି ପଢ଼ନ୍ତି। ଏହା ଶିବପାର୍ବତୀଙ୍କ ପୂଜା। ଉଭୟ ନିଜର ଭକ୍ତମାନଙ୍କୁ କିଭଳି ରକ୍ଷାକରନ୍ତି ସେ ବିଷୟରେ ବର୍ଣ୍ଣନା ରହିଛି। ଶିବପାର୍ବତୀ ଉଭୟଙ୍କୁ ପୂଜାକରୁଥିବା ଜଣେ

ଗରିବ ଭକ୍ତକୁ କିଛି ଧନ ଦେବାକୁ ପାର୍ବତୀ ଶିବଙ୍କୁ ନିବେଦନ କରିଛନ୍ତି। ଭକ୍ତର ଭାଗ୍ୟରେ ଧନ ନାହିଁ - ଶିବଙ୍କ ଏ ମତକୁ ପାର୍ବତୀ ମାନିନାହାନ୍ତି। ଅନ୍ୟ ଉପାୟ ନଦେଖି ପାର୍ବତୀଙ୍କ କଥା ମାନି ଶିବ ଦରିଦ୍ର ଭକ୍ତକୁ ଧନ ଦେଇଛନ୍ତି। ଭକ୍ତର ସବୁଦିନିଆ ରାସ୍ତାରେ ସୁନା ମୋହରଭର୍ତ୍ତି ଏକ କଳସ ରଖିଦେଇଛନ୍ତି। ମାତ୍ର, ଦୁର୍ଭାଗ୍ୟବଶତଃ ଭକ୍ତଟି ତାହା ହରାଇଛି। ଅନ୍ଧମାନେ କିପରି ବାଟ ଚାଲନ୍ତି, ପରୀକ୍ଷା କରିବାକୁ ଯାଇ ସେ ଆଖି ବୁଜି ରାସ୍ତାରେ ଚାଲିଛି। ଧନ କଳସକୁ ଝୁଣ୍ଟିପଡ଼ିଛି, ତଥାପି ଆଖି ଖୋଲିନାହିଁ। ଶେଷକୁ ଶିବଙ୍କ ଦୟାରୁ ପାଇଥିବା ଧନ ହରାଉଛି ବ୍ରାହ୍ମଣ। ଶିବଙ୍କୁ ଉପାସନା କରି ଓ ପାର୍ବତୀଙ୍କ ଦୟାରୁ ବ୍ରାହ୍ମଣର ଭାଗ୍ୟ ବଦଳିଛି। ଅରବିନ୍ଦ ପଟ୍ଟନାୟକ 'ବ୍ରତ ସାହିତ୍ୟ' ବହିରେ ଓଡ଼ିଶାର କୌଣସି ସ୍ଥାନରେ ଏହି ବ୍ରତ ପାଳନ କରାଯିବାର ଦେଖିନାହାନ୍ତି ବୋଲି କହିଛନ୍ତି, କିନ୍ତୁ ନୟାଗଡ଼ରେ ଏହି ବ୍ରତକୁ ନାରୀମାନେ ନିଷ୍ଠାରେ ପାଳନକରନ୍ତି ।(ପଟ୍ଟନାୟକ, ଅରବିନ୍ଦ:୧୯୮୨, ୨୦୦୮, ପୃ- ୧୧୭,୧୧୮)

**ତ୍ରିନାଥ ମେଳା:** ପଞ୍ଚାନନମେଳା ଓ ଶନିମେଳା ସହିତ ତ୍ରିନାଥମେଳାର ସାମଞ୍ଜସ୍ୟ ରହିଛି। ମେଳାରେ ଏକସଙ୍ଗେ ତିନିଜଣ ଦେବତା ପୂଜାହୁଅନ୍ତି। ବ୍ରହ୍ମା, ବିଷ୍ଣୁ, ମହେଶ୍ୱର। ଗାଆଁରେ ତ୍ରିନାଥମନ୍ଦିର ଅଥବା ଭାଗବତ ଟୁଙ୍ଗୀରେ ମେଳାହୁଏ। ଆଜିକାଲି କ୍ଲବଘରେ, ଠାକୁରାଣୀ ପିଣ୍ଡାରେ କାମଚଳିଯାଉଛି। କେହିକେହି ନିଜ ଘରେ ମେଳା ଆୟୋଜନ କରୁଛନ୍ତି ।

ମେଳାରେ ତିନି ଠାକୁର, ତ୍ରିନାଥ। ତ୍ରିନାଥ-ଏକ ବଚନ। ତିନି ଠାକୁରଙ୍କପାଇଁ ତିନି ପ୍ରକାର ସଂଳାପ ନାହିଁ। ସମସ୍ତେ, ଏକ ସମୟରେ ଏକ କଥା କହନ୍ତି। ପ୍ରତ୍ୟେକ ରବିବାର ସନ୍ଧ୍ୟାରେ ମେଳା ଆରମ୍ଭ ହୁଏ। କୀର୍ତ୍ତନ ହୁଏ। ଖୋଳ, ଗିନି, ତବଲା ବାଜେ। ଗାଆଁର ପିଲାବୁଢ଼ା ସମସ୍ତେ ଏଇଠି। ଭଜନ ବୋଲାଯାଏ। ମେଳା ଆସ୍ଥାନରେ ପିଢ଼ାରେ ତ୍ରିନାଥ ଓ ଗଣେଶ ଫଟୋ। ତ୍ରିନାଥଙ୍କପାଇଁ ଗଞ୍ଜେଇ, ପାନ, ଗୁଆ, ତେଲଦୀପ, ଫଟୋ ପଛପାଖରେ ବର, ଅଶ୍ୱତ୍ଥ ଡାଳ ରଖାଯାଏ। ଝୁଣା ଦିଆଯାଏ। ସମସ୍ତେ ବହିର କଥା ଶୁଣିବସନ୍ତି। ବହିଟି ନବାକ୍ଷରୀ ବୃତ୍ତରେ ରଚିତ।

ଶ୍ରୀପୁର ଗାଆଁର ମଧୁସୂଦନ ବ୍ରାହ୍ମଣ। ବ୍ରାହ୍ମଣୀର କ୍ଷୀର ନହେବାରୁ ବ୍ରାହ୍ମଣ ଶିଶୁପୁତ୍ରପାଇଁ ତା'ର ସମସ୍ତ ସମ୍ବଳ ଦେଇ ଗାଈଟିଏ କିଣିଲା। ପୁଅଟି କ୍ଷୀରପିଇ ବଢ଼ିଲା। ଦିନେ ସେ ଗାଈଟି ହଜିଲା। ଖୋଜିଖୋଜି ମଧୁସୂଦନ ଗୋଟିଏ ବରଗଛ ମୂଳେ ପହଞ୍ଚିଲା। ଗଛରେ ତ୍ରିନାଥ ରହନ୍ତି। ସେମାନେ ବ୍ରାହ୍ମଣକୁ ଡାକି, କିଛି ସଉଦା ଆଣିଦେବାକୁ ହାଟକୁ ପଠାଇଲେ। ସଉଦା-ପଇସାକର ଗଞ୍ଜେଇ, ପାନଗୁଆ ପାହିକର, ମାଳପା ପାହିକର। ପଇସା ନଥିବା କଥା ବ୍ରାହ୍ମଣ ଜଣାଇବାରୁ ସେମାନେ ନିକଟରେ ଥିବା ବେଣାମୂଳ ଉପାଡ଼ିବାକୁ କହିଲେ। ବ୍ରାହ୍ମଣ ବେଣାମୂଳରୁ ତିନିପଇସା ପାଇଲା। ଦରିଦ୍ର ସେ। ପଇସା ଲୋଭରେ ବାରମ୍ବାର ବେଣା ଉପାଡ଼ିଲା। ତେଲ କାହିଁରେ ଆଣିବ? ଉତ୍ତର ମିଳିଲା – ଆମ ନାଁ କହି ତେଲ ମାଗିବୁ। ଗାମୁଛାରେ ଆଣିବୁ। ବ୍ରାହ୍ମଣ ହାଟରୁ ସଉଦା କଲା। ତେଲପାଇଁ ଗାମୁଛା ପାତିବାବେଳେ ତେଲି ତାକୁ ବାଇଆ ମନେକରି ଠକିଲା। ତା'ର ତେଲ ଉଭେଇଗଲା। ପୁଣି ବ୍ରାହ୍ମଣ ତେଲିର କୁଣ୍ଡରେ ତେଲ ଢାଳି ଦେବାରୁ ତେଲ ଉଛୁଳି ପଡ଼ିଲା।

ସେଠାରୁ ସଉଦାକରି ତ୍ରିନାଥଙ୍କ ନିର୍ଦ୍ଦେଶରେ ବ୍ରାହ୍ମଣ ମେଳାକଲା। ପାଞ୍ଚ ପାଳିପାଇଁ ମାନସିକକରିବାରୁ ଗାଈ-ବାଛୁରୀ ଫେରିପାଇଲା। ମେଳାକରି ଧନଧାନ୍ୟରେ ତା'ର ଘର ପୁରିଉଠିଲା। ଏହିପରି ସେ ନଗରର ସବୁଲୋକ ମେଳାକରି ଧନୀ ହେଲେ। ସୁଧଖୋର ମହାଜନମାନଙ୍କର ବେପାର ବୁଡ଼ିଲା। ସେମାନଙ୍କ ଅଭିଯୋଗକ୍ରମେ ରାଜା ବ୍ରାହ୍ମଣକୁ ବନ୍ଦୀକଲେ। ରାଜାର ପୁଅ ମଲା। ମଶାଣିରେ ଶବଦାହପାଇଁ ପ୍ରସ୍ତୁତହେବା ସମୟରେ ତ୍ରିନାଥ ବୁଢ଼ାବେଶରେ ସେଠାରେ ପହଞ୍ଚି ମୃତକ କାନରେ ତ୍ରିନାଥ ବୋଲି କହିଦେଲେ ସେ ଉଠିବସିବ ବୋଲି କହିଲେ। ମେଳା କରିବାକୁ ପରାମର୍ଶ ଦେଲେ। ରାଜପୁତ୍ର ବଞ୍ଚିଲା। ରାଜା ମେଳାକଲେ ।

ରାଜାଙ୍କ ମେଳା ଦେଖିବାକୁ ସେହି ଦେଶର ଜଣେ ଅନ୍ଧ ଓ ଜଣେ ଛୋଟା ବିଚାରକଲେ। ଛୋଟାକୁ ବସାଇ କନ୍ଧର, ଅନ୍ଧ ଚାଲଇ ଧୀରଧୀର। ହଠାତ୍ ଅନ୍ଧ ଚକ୍ଷୁପାଇଲା। ଛୋଟା ହାତଗୋଡ଼ ପାଇଲା। ତ୍ରିନାଥ କୃପାରୁ ଦୁହେଁ ମେଳା ଦେଖିଗଲେ।

ଜଣେ ବୈଷ୍ଣବ ତ୍ରିନାଥମେଳାର ନିନ୍ଦାକରି ଦଣ୍ଡପାଇଲେ ଓ ମେଳାର ମହିମା ପ୍ରଚାରକରି ଦୁର୍ଗତିରୁ ମୁକ୍ତିପାଇଲେ। ମେଳାର ପ୍ରସାର ପ୍ରଚାର ନିମିତ୍ତ ବହୁ ଦୃଷ୍ଟାନ୍ତ ଦେଇ ଏଠାରେ ଦୈବୀ ମହିମାର ଗୁଣଗାନ ହୋଇଛି। ତ୍ରିନାଥମେଳାର ନିର୍ଦ୍ଦିଷ୍ଟ ତିଥିଲଗ୍ନ ନାହିଁ ; କିନ୍ତୁ ଏହା ପ୍ରତ୍ୟେକ ରବିବାର ସନ୍ଧ୍ୟାରେ ହୁଏ। ନୟାଗଡ଼ ଜିଲ୍ଲାର କେତେକ ଗାଆଁରେ ମାଘମାସର ପ୍ରତି ରବିବାରେ ମେଳା ହେବାର ଲକ୍ଷ୍ୟ କରାଯାଏ। ଗବେଷକ ଅରବିନ୍ଦ ପଟ୍ଟନାୟକଙ୍କ ମତରେ- ମାତ୍ର ଏହା କେବଳ ପୁରୁଷମାନେ ମିଳିତହୋଇ ପାଳନକରନ୍ତି। ପୂର୍ବୋକ୍ତ ଓଷାବ୍ରତପରି ଏଥିରେ ନାରୀମାନଙ୍କ ଭୂମିକା ନାହିଁ ।(ତତ୍ରୈବ, ପୃ- ୧୯୮) ମାତ୍ର ନୟାଗଡ଼ର ଗାଆଁଗୁଡ଼ିକରେ ବହୁସଂଖ୍ୟାରେ ନାରୀମାନେ ତ୍ରିନାଥମେଳାକୁ ଉପବାସ ଭାବେ ଗ୍ରହଣକରନ୍ତି। ସେମାନେ ବ୍ରାହ୍ମଣ ବରଣ କରନ୍ତିନାହିଁ। ନିଜେ ବହିପଢ଼ନ୍ତି ଭୋଗ ବାଢ଼ନ୍ତି। ମେଳାରେ ଗଞ୍ଜେଇ ଚିଲମ ସଜଡ଼ାଯାଏ। ଶେଷରେ ପାନଗୁଆ ପ୍ରସାଦ ରୂପେ ବଣ୍ଟା ଯାଏ। ବାଣ୍ଟି ଖାଇବାକୁ ମେଳା ଶିଖାଏ। ଅଳ୍ପ ବହୁତ ନକହିବ, ପ୍ରସାଦ ବାଣ୍ଟିଣ ଖାଇବ। ଦିନସାରା ଉପବାସ କରିଥିବା ନାରୀପୁରୁଷ ଓଷା ସରିଲେ ଅରୁଆ ଖାଆନ୍ତି। ଏହା କେବେକେବେ ଚାରିପାଳି, କେବେ ପାଞ୍ଚପାଳି ହୁଏ। ଯାଚନା ମେଳା ପାଞ୍ଚ ପାଳି। ଯେକୌଣସି ରବିବାର ଯାଚନା ମେଳା କରାଯାଏ। ଗାଆଁରେ ପ୍ରତି ରବିବାର ହେଉଥିବା ମେଳାରେ କେବଳ ଆମିଷ ନିଷେଧଥାଏ। ଆଉ କିଛି ବାରଣ ନଥାଏ।

ଉଦିଅ ଅହିବାର / ଅର୍ଥଉଦିଆ ରବିବାର : ମାଘମାସ ରବିବାର ଓଷା ପାଳିବାର ଦିନ। ନାରୀମାନଙ୍କର ଏ ଓଷା। ଏଠାରେ ମଧ ଚକୁଳିଆ ପଣ୍ଡା ମୁଖ୍ୟ ଚରିତ୍ର। ସ୍ତ୍ରୀ ଓ ଦୁଇ ଝିଅର ସଂସାର। ଝିଅମାନେ ଗୋବର ଘଷି ସଂଗ୍ରହ କରିବାକୁଯାଇ

ଦେବକନ୍ୟାଙ୍କର ଏ ବ୍ରତ ବିଷୟରେ ଜାଣିଲେ। ବ୍ରତକରି ସମ୍ପତ୍ତି ପାଇଲେ। ରାଜା, ମନ୍ତ୍ରୀଙ୍କୁ ବରିଲେ। ଓଷା ବ୍ରତ ଠିକ୍ ଭାବେ ନକରି ରାଣୀ ଦୁର୍ଦ୍ଦିନ ଭୋଗିଲେ। ରାଜା ତାଙ୍କୁ ତ୍ୟାଗକଲେ। ମନ୍ତ୍ରୀ ଓ ମନ୍ତ୍ରୀପତ୍ନୀ (ସାନ ଭଉଣୀ) ସାହାଯ୍ୟରେ ପୁଣି ଓଷାକରି ସୌଭାଗ୍ୟ ପ୍ରାପ୍ତହେଲେ ।

ନୟାଗଡ଼ରେ କାର୍ତ୍ତିକ ମାସ ରବିବାରେ ଏହି ଓଷା। ବିଭିନ୍ନ ମାନସିକ ରଖି ଓଷା କରାଯାଏ। ରବିବାରଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ନଦୀ ବା ପୋଖରୀକୂଳରେ ତୁଳସୀମୂଳରେ ବାଲୁକା ସ୍ଥାପନକରି ଫଳମୂଳ ସମର୍ପଣ କରାଯାଏ। ଓଷେଇତିମାନେ ସାରାଦିନ ସୂର୍ଯ୍ୟଦେବତାଙ୍କୁ ଧ୍ୟାନ କରନ୍ତି। ଖାଦ୍ୟ ପାନୀୟ ଗ୍ରହଣକରନ୍ତି ନାହିଁ। ସନ୍ଧ୍ୟାବେଳେ ସମର୍ପିତ ଫଳକୁ ନେଇ ଆଉଥରେ ସମର୍ପଣକରନ୍ତି। ସୋମବାରଦିନ ସକାଳୁ ଆଉଥରେ ମୁଣ୍ଡଧୋଇ, ବାଲୁକା ପୂଜାକରି ଘରକୁ ଫେରନ୍ତି ଏବଂ ବାଳ ଶୁଖିବା ପରେ ହିଁ ଖାଦ୍ୟ ଖାଆନ୍ତି ।

ଇଦ୍-ଉଲ୍- ଫିତର୍ ଓ ଇଦ୍-ଉଲ୍-ଜୁହା: ମୁସଲମାନମାନେ ମହମ୍ମଦଙ୍କୁ ଅନୁସରଣ କରନ୍ତି। ସେମାନେ ଏକେଶ୍ୱରବାଦୀ। କେବଳ ଦୁଇଟି ପର୍ବ ପାଳିଥାନ୍ତି। ହିନ୍ଦୁ ଗାଆଁଗୁଡ଼ିକରେ ସାହିସାହିରେ ନୂଆଦଳ। ଇସ୍‌ଲାମ୍‌ରେ କିନ୍ତୁ ସମସ୍ତେ ଏକାଠି। ସମବେତ ନମାଜ ପାଠହୁଏ। ହିନ୍ଦୁଙ୍କ ଓଷା ବହିପରି ଭିନ୍ନ ଭିନ୍ନ କୋରାନ୍/ନମାଜ ନାହିଁ ।

ଇଦ୍-ଉଲ୍- ଫିତର୍ ଏବଂ ଇଦ୍-ଉଲ୍-ଜୁହା। ପ୍ରଥମଟି ଖୁସିର ଓ ଦ୍ୱିତୀୟଟି ଦୁଃଖର। ଇଦୁଲ୍‌ଫିତରର ୩୦ଦିନ ପୂର୍ବରୁ, ବୃଷ ଅମାବାସ୍ୟା ପରେ, ମଳମାସ ଆରମ୍ଭର ପରଦିନଠୁ ରମ୍‌ଜାନ/ରମ୍‌ଦାନ ମାସ ଆରମ୍ଭ। ରମ୍‌ଦାନ ମାସସାରା ସମସ୍ତେ ରୋଜା(ଉପବାସ) ରଖନ୍ତି। ୩୦ଟି ରୋଜା। ଏହି ଦିନଗୁଡ଼ିକରେ ପୁରୁଷମାନେ ମସ୍‌ଜିଦ୍ ଯାଆନ୍ତି। ଝିଅମାନଙ୍କୁ ମସ୍‌ଜିଦ୍ ମନା ; ତେଣୁ ଝିଅମାନେ ଘରେ ରହନ୍ତି। ସମସ୍ତେ କୋରାନ୍ ପାଠକରନ୍ତି। କୋରାନ୍‌ର ତିରିଶ ଅଧ୍ୟାୟ ରୋଜାରେ ଶେଷହୁଏ। ଏହି ମାସରେ କୋରାନ୍‌ର ଜନ୍ମ। ନୂଆଜାମା, ବିଭିନ୍ନ ଖାଦ୍ୟରେ ଖୁସିମନାନ୍ତି ମୁସଲିମ୍ ପରିବାର। ଦୀର୍ଘଦିନର ଶତ୍ରୁତା ଏଇଠି ଶେଷହୁଏ। ଦିନରେ ପାଞ୍ଚଥର ନମାଜ ପାଠ। ସୂର୍ଯ୍ୟାସ୍ତ ପୂର୍ବରୁ - ଫଜର, ମଧ୍ୟାହ୍ନ ପରେ -ଦୁହର, ସନ୍ଧ୍ୟା ପୂର୍ବରୁ-ଅସର, ସନ୍ଧ୍ୟାପରେ-ମଗ୍‌ବୀର ଓ ଶୋଇବା ପୂର୍ବରୁ –ଇଶା। ଫଜର ପୂର୍ବରୁ ଭୋଜନ। ଦିନସାରା ନିର୍ଜଳ ଉପବାସପରେ ମଗ୍‌ବୀର୍‌ରେ ରୋଜା ଫିଟେ। ଶେଷଦିନଟି ଇଦୁଲ୍‌ଫିତର। ଉକ୍ତ ଦିନଗୁଡ଼ିକରେ ଗରିବ ଲୋକମାନଙ୍କୁ ଦାନ ଦିଆଯାଏ। ରମ୍‌ଜାନ ମାସ ଆରମ୍ଭର ପନ୍ଦର ଦିନ ପୂର୍ବରୁ 'ସବେ-ବରାତ'ରେ ଘରଦ୍ୱାର ପରିଷ୍କାର କରାଯାଏ। ବର୍ଷସାରାର ମଇଳା ଦୂର କରାଯାଏ। ରମ୍‌ଜାନର ଛବିଶି ଦିନରେ 'ସବେକଦର'ରେ ରାତିସାରା ନମାଜ ପାଠ। ଇଦୁଲ୍‌ଫିତରର ଦୁଇମାସ ଦଶଦିନ ପରେ ଆସେ ଇଦ୍‌ଜୁହା। ଏହା ଦୁଃଖର ପର୍ବ। ଏହିଦିନ ପୁରୁଷମାନେ ମସ୍‌ଜିଦ୍ ଯାଆନ୍ତି। ମସ୍‌ଜିଦ୍‌ରେ ଛେଳି ବଳି ଦିଆଯାଏ।(ବର୍ତ୍ତମାନ ମସ୍‌ଜିଦ୍‌ରେ ବଳି ବଦଳରେ ପଇସା ଦିଆଯାଉଛି) କବରସ୍ଥାନରେ ମୃତକଙ୍କପାଇଁ ଦୁଆମାଗନ୍ତି। ସମସ୍ତେ ଘରୁ ସଫାପାଣି ନେଇ ମସ୍‌ଜିଦ୍ ଯାଇଥାଆନ୍ତି। ସେଠାରେ ମୌଲବୀ ଆବେ-ଜମ୍-ଜମ୍ (ସାଉଦି ଆରବର ପବିତ୍ରପାଣି; ଯେମିତି ହିନ୍ଦୁମାନଙ୍କର ଗଙ୍ଗାଜଳ)କୁ ଶୁଙ୍ଘି ସମସ୍ତଙ୍କ ସଫାପାଣିରେ ମିଶାନ୍ତି। ତାହା ବର୍ଷସାରା ରହେ। ମୃତ୍ୟୁ ଶଯ୍ୟାରେ ମଣିଷକୁ ଆବେଜମ୍‌ଜମ୍ ଦିଆଯାଏ ।

ଏହି ଦୁଇପର୍ବ ନୟାଗଡ଼ର ମୁସଲ୍‌ମାନ ଧର୍ମକୁ ସାର୍ବଜନୀନକରେ। ଭାଇଚାରାର ଡାକରେ ଅନେକ ହିନ୍ଦୁ ମଧ୍ୟ ଏ ପର୍ବରେ ସାମିଲ୍ ହୁଅନ୍ତି ।

**ଉପସଂହାର:** ସଂସ୍କୃତି ଓ ପରଂପରା ଦୃଷ୍ଟିରୁ ନୟାଗଡ଼ ଏକ ସମୃଦ୍ଧ ଭୂ-ଖଣ୍ଡ। ଏହି ମାଟିର ଇତିହାସକୁ ଅଧ୍ୟୟନ କଲେ ଏହା ଐତିହ ଓ ଗୌରବର ଅନେକ ପ୍ରମାଣ ଆପଣମାନେ ପାଇପାରିବେ। ଏମିତି ଏକ ସଂସ୍କୃତି ସମ୍ପର୍ଣ୍ଣ ମାଟିରେ ଏହାର ଲୋକବିଶ୍ୱାସ ଓ ଲୋକଚଳଣିର ବିବିଧ ରୂପ ରହିବା ତ ସ୍ୱଭାବିକ ବିଷୟ। ଉପରୋକ୍ତ ଆଲୋଚନା ମାଧ୍ୟମ ଦେଇ ଯଥାସାଧ୍ୟ ଏ ଅଞ୍ଚଳର ଧର୍ମାଚାର ସମ୍ପର୍କରେ ଏକ ଅବଧାରଣା ସୃଷ୍ଟି କରାଗଲା। ଯାହା ପାଠକ ଓ ଗବେଷକଙ୍କୁ ଏକ୍ଷେତ୍ରରେ ଅଧିକ ଅଧ୍ୟୟନ ନିମନ୍ତେ ସହଯୋଗୀ ହେବେ।

**ସହାୟକ ଗ୍ରନ୍ଥସୂଚୀ:**

୧) ନନ୍ଦ, ହରିହର। ୨୦୦୬। ନୟାଗଡ଼ ଇତିହାସ। ବୁର୍ଲା: ଫାଇବଷ୍ଟାର ପ୍ରିଣ୍ଟିଂପ୍ରେସ୍।

୨) ଆଚାର୍ଯ୍ୟ, ପ୍ରାଣକୃଷ୍ଣ। ୧୯୯୭। ସଂକ୍ଷିପ୍ତ ଓଡ଼ିଶା ଓ ନୟାଗଡ଼ ଇତିହାସ। ସିନ୍ଦୁରିଆ, ନୟାଗଡ଼: ମୋ ପ୍ରେସ ପ୍ରକାଶନ।

୩) ପାଣିଗ୍ରାହୀ, କୈଳାସ ଚନ୍ଦ୍ର। ୧୯୮୨। ନୟାଗଡ଼ ଇତିହାସ। ପ୍ରକାଶନ ସୂଚନା ଅନୁପଲବ୍ଧ ( ସୌଜନ୍ୟ ଓଡ଼ିଆ ବିଭବ)।

୪) ବଳିଆର ସିଂହ, ସତ୍ୟବାଦୀ। ୨୦୧୧। ରଣପୁର ଇତିହାସ। ଟାଙ୍ଗୀ, ପୁରୀ : ଶାନ୍ତିପ୍ରେସ୍।

୫) ସାହୁ, ବଂଶୀଧର। ୨୦୧୧। ନୟାଗଡ଼ ନିର୍ମାଣ ଯୁଗ ପ୍ରତିଷ୍ଠାରେ। ଇଟାମାଟି ନୟାଗଡ଼। ପ୍ରକାଶନ ସୂଚନା ଅନୁପଲବ୍ଧ ( ସୌଜନ୍ୟ ଓଡ଼ିଆ ବିଭବ)।

୬) ମହାପାତ୍ର, ଶ୍ୟାମ ସୁନ୍ଦର। ୨୦୧୧। ଲୋକ ସାହିତ୍ୟ ତତ୍ତ୍ୱ। ବିନୋଦ ବିହାରୀ, କଟକ: ଓଡ଼ିଶା ବୁକ୍ ଷ୍ଟୋର୍।

୭) ନନ୍ଦ, ଦୁର୍ଗା ମାଧବ। ୧୯୯୯। ଆମ ଲୋକ ସଂସ୍କୃତି। ଦ୍ୱିତୀୟ ସଂସ୍କରଣ। ବ୍ରହ୍ମପୁର: ଲୋକ ସଂସ୍କୃତି ଗବେଷଣା ପରିଷଦ।

୮) ପଟ୍ଟନାୟକ, ଅରବିନ୍ଦ। ୨୦୦୮। ବ୍ରତ ସାହିତ୍ୟ। ଦ୍ୱିତୀୟ ପ୍ରକାଶନ। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡ଼େମୀ।

### Does this article screened for similarity?

Yes

### Conflict of interest

The Author has no conflicts of interest to declare that they are relevant to the content of this article.

### About the Licenses

© **Lt. Dr. Bindulata Sandha 2025**. The text of this article is open access and licensed under a Creative Commons Attribution 4.0 International License

### Cite this Article :

Sandha, Bindulata, Nayagarh Jilaare Prachallita Bibhirna Dharmaachara, Bageesha, Vol. No. 03, Issue No. 01, January-February 2025, Article No: BM2025/01-A002 | Page- 13-22| DOI: https://doi.org/10.70541/BAGEESHA/2025030102